ନିର୍ଭୀକ ଆମ

# ସମବାୟ ସମ୍ବାଦ

PRGI. REGD. NO: ORORI/25/A2124

NIRBHIKA AMA SAMABAYA SAMBAD

• Vol -1 • Issue - 19 • September 16 - 30, 2026 • Bhubaneswar • Rs. 5 • Pages - 08 • Fortnightly

• ଭାଗ-୧ • ସଂଖ୍ୟା-୧୯ • ସେପ୍ଟେମ୍ବର ୧୬- ୩୦, ୨୦୨୬ • ଭୁବନେଶ୍ୱର • ମୂଲ୍ୟ ୫.୦୦ ଟଙ୍କା • ପୃଷ୍ଠା ସଂଖ୍ୟା -୦୮ • ପାକ୍ଷିକ

# ୟୁଏଇରୁ ନିବେଶ ପ୍ରସ୍ତାବ ୨୨.୫ ଲକ୍ଷ କୋଟି

## ଓଡ଼ିଆ ପ୍ରବାସୀଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଆଲୋଚନା

ଦୁବାଇ: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦୁବାଇରେ ଓଡ଼ିଆ ପ୍ରବାସୀମାନେ ଭବ୍ୟ ସ୍ୱାଗତ ଜଣାଇଥିଲେ । ଏହି ବିଶେଷ ସମାବେଶରେ ୮୦୦ରୁ ଅଧିକ ଓଡ଼ିଆ ସମୁଦାୟର ସଦସ୍ୟ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ ଓ ପାରମ୍ପରିକ ଲୋକନୃତ୍ୟ ପ୍ରଦର୍ଶନ ମାଧ୍ୟମରେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ପ୍ରଦର୍ଶିତ ହୋଇଥିଲା। ପାରମ୍ପରିକ ଓଡ଼ିଆ ଖାଦ୍ୟର ସ୍ୱାଦ ମଧ୍ୟ ଏହି ଉତ୍ସବରେ ଘରୋଇ ଆତ୍ମୀୟତା ଭରି ଦେଇଥିଲା ଓଡ଼ିଆ ସମୁଦାୟର ସଦସ୍ୟମାନେ ମୁଖ୍ୟମନ୍ତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ । ଓଡ଼ିଆ ସମୁଦାୟର ସଦସ୍ୟ ମାନେ ମୁଖ୍ୟମନ୍ତ୍ରୀଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ଓ ଓଡ଼ିଆ ସମୁଦାୟଙ୍କ ସହ ତାଙ୍କ ଆଲୋଚନାକୁ ନେଇ ସେମାନେ ଖୁସି ଓ ଗର୍ବ ପ୍ରକାଶ କରିଥିଲେ। ମୁଖ୍ୟମନ୍ତ୍ରୀ ୟୁଏଇରେ ବସବାସ କରୁଥିବା ଓଡ଼ିଆମାନଙ୍କ ଦୃଢ଼ ସାଂସ୍କୃତିକ ସମ୍ପର୍କକୁ ପ୍ରଶଂସା କରିବା ସହ ବିଦେଶରେ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ଏବଂ ପ୍ରଚାର ପାଇଁ ସେମାନଙ୍କ ଉଦ୍ୟମକୁ ସ୍ୱୀକାର କରିଥିଲେ। ଓଡ଼ିଆ ପ୍ରବାସୀ ଓ ମାତୃଭୂମି ମଧ୍ୟରେ ଥିବା ଦୃଢ଼ ଭାବନାତ୍ମକ ସମ୍ପର୍କକୁ ପ୍ରତିଫଳିତ କରିବା ସହ ସୀମାପାର ଓଡ଼ିଶାର ସଂସ୍କୃତି, ପରମ୍ପରା ଓ ଆତ୍ମାକୁ ପ୍ରଦର୍ଶନ କରିଥିଲା।

## ଓଡ଼ିଶା-ୟୁଏଇ ମଧ୍ୟରେ ଆର୍ଥିକ ଓ ନିବେଶ ମଜଭୁତ କରିବା ନେଇ ଲକ୍ଷ୍ୟ

ଭୁବନେଶ୍ୱର: ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତର ୫ଟି ବୁଝାମଣାପତ୍ର (ଏମ୍ଓୟୁ) ଓ ୮ଟି ନିବେଶ ଇଚ୍ଛାପତ୍ର ଜରିଆରେ ୮୪୧୭ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ ହୋଇଛି। ଏହି ନିବେଶ ରାଜ୍ୟରେ ୧୪,୩୧୦ ନୂଆ ନିଯୁକ୍ତି ସୁଯୋଗ ଆଶା ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀ ୟୁଏଇର ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ, ବିଶ୍ୱସ୍ତରୀୟ ନିବେଶକ, ଶିଳ୍ପ ଜଗତର ପ୍ରତିନିଧି ଓ ବାଣିଜ୍ୟିକ ପ୍ରତିଷ୍ଠାନଗୁଡ଼ିକ ସହ ଏକାଧିକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଥିଲେ। ଆଲୋଚନା ସମୟରେ ୟୁଏଇର ନିବେଶକମାନେ ଓଡ଼ିଶାର ସୂଚନା ପ୍ରଯୁକ୍ତି, ଆଇଟି ସେବା, ରିଅଲ ଇଷ୍ଟେଟ୍, କୃଷି, ଖାଦ୍ୟ ପ୍ରକ୍ରିୟା କରଣ, ଇସ୍ପାତ ଓ ଆନୁଷଙ୍ଗିକ ଶିଳ୍ପ, ବିରଳ ମୃତ୍ତିକା, ରସାୟନ, ଆଲୁମିନିୟମ ଓ ସର୍କୁଲାର ଇକୋନମିରେ ନିବେଶ କରିବାକୁ ଆଗ୍ରହ ଦେଖାଇଥିଲେ। ମୁଖ୍ୟମନ୍ତ୍ରୀ ୟୁଏଇର କ୍ୟାବିନେଟ୍ ସଦସ୍ୟ ତଥା ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ଅବଦୁଲ୍ଲା ବିନ୍ ତୌକ୍ ଅଲ୍ ମାରିଙ୍କୁ ଭେଟି ଓଡ଼ିଶା-ୟୁଏଇ ମଧ୍ୟରେ ଆର୍ଥିକ ଓ ନିବେଶ ସହଯୋଗକୁ ମଜଭୁତ କରିବା ନେଇ ଆଲୋଚନା କରିଥିଲେ। ଓଡ଼ିଶାରେ ଥିବା ସମ୍ଭାବନା ଉପରେ ଆଲୋକପାତ କରି ୟୁଏଇର ନିବେଶକ ଓ ବ୍ୟବସାୟୀମାନଙ୍କୁ ଦୀର୍ଘକାଳୀନ ନିବେଶ ଓ ସହଯୋଗିତା ପାଇଁ ଓଡ଼ିଶା ଆସିବାକୁ ଆମନ୍ତ୍ରଣ କରିଥିଲେ।

## ଓଡ଼ିଶା ମାଟିରେ ଆମ ପିଲା ଚାକିରି କରିବେ: ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର: ରାଜ୍ୟର ଯୁବପିଢ଼ିଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଆମ ସରକାର କାମ କରୁଛନ୍ତି। ପୁଅଝିଅମାନେ ପାଠପଢ଼ା ଶେଷ କରିବା ପରେ ଯେଭଳି ନିଜ ମାଟିରେ ସମ୍ମାନଜନକ ଚାକିରି ପାଇ ପାରିବେ ତାହା ଆମ ସରକାରଙ୍କ ମୂଳ ଲକ୍ଷ୍ୟ। ସେଥି ପାଇଁ ଶିଳ୍ପାୟନ ଅଭିଯାନକୁ ବ୍ୟାପକ କରାଯାଉଛି। ଆଗାମୀ ଦିନରେ ପ୍ରତିଷ୍ଠା ହେବାକୁ ଥିବା କାରଖାନା ଓ କାର୍ଯ୍ୟାଳୟ ଗୁଡ଼ିକରେ ନିଯୁକ୍ତି ଲାଗି ଯୁବବର୍ଗଙ୍କୁ ପ୍ରସ୍ତୁତ କରିବାକୁ ଆବଶ୍ୟକ ଦକ୍ଷତା ତାଲିମ ଦିଆ ଯାଉଛି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଗସ୍ତ ଶେଷ କରି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ତାଙ୍କୁ ସେଠାରେ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେ କହିଲେ, ଗତ ଦୁଇ ବର୍ଷରେ ଶିଳ୍ପାୟନ ଅଭିଯାନ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି, ଯାହା ଅର୍ଥନୈତିକ ଅଭିବୃଦ୍ଧି ତ୍ୱରାନ୍ୱିତ କରିବା ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି। ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶାର ପରିକଳ୍ପନା ଏବଂ ଆସନ୍ତା ଦଶ ବର୍ଷରେ ଓଡ଼ିଶାକୁ ୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବା ପାଇଁ ଆମ ଉଦ୍ୟମ ଜାରି ରହିଛି। ୟୁଏଇ ଗସ୍ତ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୟୁଏଇର ଅର୍ଥନୀତି ଓ ପର୍ଯ୍ୟଟନ ମନ୍ତ୍ରୀ ତଥା ଅନ୍ତର୍ଜାତୀୟ ନିବେଶ ପରିଷଦର ଅଧକ୍ଷ ଅବଦୁଲା ବିନ୍ ତକ୍ ଅଲ୍ ମାରି, ଆଇଏଚ୍‌ସିର ପରିଚାଳନା ନିର୍ଦ୍ଦେଶକ ସୟଦ ବସର୍ ସୁଏବ୍‌ଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ହୋଇଥିଲା। ଆଇଏଚ୍‌ସି ଓ ଆଦାନୀ ଗ୍ରୁପ୍ ମଧ୍ୟରେ ୧୪ଟି ନୂଆ ପ୍ରକଳ୍ପ ପାଇଁ ବୁଝାମଣାପତ୍ର (ଏମ୍ଓୟୁ) ସ୍ୱାକ୍ଷରିତ ହୋଇଛି। ଏହି ଦୁଇ କମ୍ପାନିର ଆଲୁମିନିୟମ୍ ପ୍ରକଳ୍ପ ରାୟଗଡ଼ା ଓ ସୁନ୍ଦରଗଡ଼ରେ ସ୍ଥାପନ ନେଇ ଉଦ୍ୟମ



ଜାରି ରହିଛି। ଏଥିସହିତ ୟୁଏଇର ସଫଳ ଓଡ଼ିଆ ଉଦ୍ୟୋଗୀ ଓ ପ୍ରବାସୀ ଓଡ଼ିଆମାନଙ୍କ ସହ ଭାବ ଆଦାନପ୍ରଦାନ କରାଯାଇଥିଲା। ଚଳିତ ମାସ ୮ରେ ୟୁଏଇ ଗସ୍ତ କରି ମୁଖ୍ୟମନ୍ତ୍ରୀ ଆବୁଧାବି ଓ ଦୁବାଇରେ ମୋଟ ୫୨ଟି ବ୍ୟବସାୟ ସମ୍ପର୍କିତ ବୈଠକ, ୬ଟି ରାଉଣ୍ଡଟେବୁଲ ଓ ୪୬ଟି ପ୍ରତ୍ୟକ୍ଷ ବୈଠକରେ ଯୋଗ ଦେବା ସହିତ ପ୍ରାୟ ୪୦୦ ଶିଳ୍ପ ନେତୃତ୍ୱ ଓ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ମୋଟ ୮ଟି ବୁଝାମଣାପତ୍ର ଓ ୧୬ଟି ନିବେଶ ଇଚ୍ଛାପତ୍ର ଜରିଆରେ ୨,୪୩,୧୬୨ କୋଟି ଟଙ୍କାର ନିବେଶ ପ୍ରସ୍ତାବ ହାସଲ ହୋଇଥିଲା। ଏହାଦ୍ୱାରା ରାଜ୍ୟରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ପ୍ରାୟ ୯ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟକୁ ଆସିଥିବା ମୋଟ ନିବେଶ ପ୍ରସ୍ତାବ ୨୨.୫ ଲକ୍ଷ କୋଟିରେ ପହଞ୍ଚିଛି। ପ୍ରାରମ୍ଭିକ ସ୍ତରରେ ସଫଳତା ପରେ ସରକାରଙ୍କ ପରବର୍ତ୍ତୀ ଲକ୍ଷ୍ୟ ହେଉଛି ସବୁ ନିବେଶ ପ୍ରସ୍ତାବ ଓ ଏମ୍ଓୟୁଗୁଡ଼ିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରି ଉତ୍ପାଦନ ଆରମ୍ଭ କରିବା । ଯାହା ଆଗାମୀ ଦିନରେ ରାଜ୍ୟରେ ନିଯୁକ୍ତିର ଏକ ବଡ଼ ସୁଯୋଗ ସୃଷ୍ଟି କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମନ୍ତ୍ରୀ ମୁକେଶ ମହାଲିଙ୍ଗ, କୃଷ୍ଣଚନ୍ଦ୍ର ପାତ୍ର, ଗଣେଶ ରାମ ସିଂ ଖୁଣ୍ଟିଆ ଓ ଗୋକୁଳାନନ୍ଦ ମଲ୍ଲିକ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟକ ବାବୁ ସିଂହ, ଛବି ମଲ୍ଲିକ, ଇରାଶିଷ ଆଚାର୍ଯ୍ୟ, ପ୍ରକାଶ ଚନ୍ଦ୍ର ସେଠୀ, ଆଶ୍ରିତ ପଟ୍ଟନାୟକ ଓ ପ୍ରତାପ ଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସମାଜସେବୀ ଜଗନ୍ନାଥ ପ୍ରଧାନ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।





# ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ୍‌ର ୫୬ତମ ବାର୍ଷିକ ସାଧାରଣ ସଭାର ଫଟୋର ଝଲକ୍





























# ଶାନ୍ତି, ଶୃଙ୍ଖଳା ଓ ସୌହାର୍ଦ୍ଦ୍ୟର ସହିତ ସମ୍ପନ୍ନ ହେଲା ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ୍‌ର ୫୬ତମ ବାର୍ଷିକ ସାଧାରଣ ସଭା

## ୨୦ଟି ପ୍ରସ୍ତାବ ଉପରେ ସର୍ବସମ୍ମତିରେ ବାଜିଲା ମୋହର





ଭୁବନେଶ୍ୱର: ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ୍‌ର ୨୦୨୬-୨୭ ବର୍ଷର ୫୬ତମ ବାର୍ଷିକ ସାଧାରଣ ସଭା ଆଜି ବୁଧବାର ସମବାୟ ଭବନ ପରିସରରେ ଶାନ୍ତି, ଶୃଙ୍ଖଳା, ସୌହାର୍ଦ୍ଦ୍ୟ ଓ ସମବାୟ ଭାବନାର ପରିବେଶରେ ସଫଳତାର ସହିତ ସମ୍ପନ୍ନ ହୋଇଛି। ୟୁନିଅନ୍‌ର ସଭାପତି ଶ୍ରୀମତୀ ପ୍ରଭାସିନୀ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାଧାରଣ ସଭାରେ ପରିଚାଳନା ପରିଷଦର ସଦସ୍ୟ, ବିଭିନ୍ନ ସମବାୟ ଅନୁଷ୍ଠାନର ସଭାପତି ଓ ପ୍ରତିନିଧିଙ୍କ ସମେତ ସମବାୟ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

ସଭାରେ ୨୦୨୫-୨୬ ବର୍ଷର ଆୟ-ବ୍ୟୟ ଅଟକଳ ଏବଂ ୨୦୨୬-୨୭ ବର୍ଷ ପାଇଁ ଆୟ-ବ୍ୟୟ ଅଟକଳ ଉପସ୍ଥାପନ କରାଯାଇଥିଲା। ଏହା ଉପରେ ବିସ୍ତୃତ ଆଲୋଚନା ପରେ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏଥିସହିତ ୟୁନିଅନ୍‌ର ବାର୍ଷିକ ବିବରଣୀ ଉପସ୍ଥାପନ କରାଯାଇ ଗତବର୍ଷ ଓ ଚଳିତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ଓ କାର୍ଯ୍ୟଧାରା ସମ୍ପର୍କରେ ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା। ସଭାପତି ଶ୍ରୀମତୀ ପ୍ରଭାସିନୀ ଷଡ଼ଙ୍ଗୀ ତାଙ୍କ ଅଭିଭାଷଣରେ କହିଥିଲେ ଯେ, ରାଜ୍ୟରେ ସମବାୟ ଆନ୍ଦୋଳନକୁ ଅଧିକ ସୁଦୃଢ଼, ସକ୍ରିୟ ଓ ଗତିଶୀଳ କରିବା ସହିତ ୟୁନିଅନ୍‌ର କାର୍ଯ୍ୟଧାରାକୁ ଅଧିକ କ୍ରିୟାଶୀଳ କରିବା ପାଇଁ ସମସ୍ତ ସମବାୟ ନେତୃବୃନ୍ଦ, ସଦସ୍ୟ ଓ ପ୍ରତିନିଧିଙ୍କ ସହଯୋଗ ଆବଶ୍ୟକ। ସମବାୟର ମୂଳ ଲକ୍ଷ୍ୟକୁ ଆଗରେ ରଖି ସମସ୍ତଙ୍କୁ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ।

ୟୁନିଅନ୍‌ର ସମ୍ପାଦକ ଶ୍ରୀମତୀ ସୁନୀତା ପତି ଶିକ୍ଷା ଓ ତାଲିମ କାର୍ଯ୍ୟକ୍ରମ, ସମବାୟ ସମ୍ପର୍କିତ ପ୍ରଚାର-ପ୍ରସାର, ବିଭିନ୍ନ କାର୍ଯ୍ୟକ୍ରମ ଓ ଭବିଷ୍ୟତ କାର୍ଯ୍ୟଯୋଜନା ସମ୍ପର୍କରେ ସଭାକୁ ଅବଗତ କରାଇଥିଲେ। ବୈଠକରେ ପରିଚାଳନା ପରିଷଦର ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ରଞ୍ଜନ କୁମାର ଦାସ ରାଜ୍ୟ ସମବାୟ ୟୁନିଅନ୍ ଦ୍ୱାରା ନିଆଯାଉଥିବା ବିଭିନ୍ନ ପଦକ୍ଷେପ, ସମବାୟ ଶିକ୍ଷା ଓ ପ୍ରଶିକ୍ଷଣର ବିସ୍ତାର ଏବଂ ଭବିଷ୍ୟତ କାର୍ଯ୍ୟଯୋଜନା ସମ୍ପର୍କରେ ସଦସ୍ୟମାନଙ୍କୁ ସ୍ପଷ୍ଟ ଭାବେ ଅବଗତ କରାଇଥିଲେ। ସଭାରେ ଉପସ୍ଥିତ ବିଭିନ୍ନ ସମବାୟ ଅନୁଷ୍ଠାନର ପ୍ରତିନିଧିମାନେ ରାଜ୍ୟରେ ଏକ ସୁଦୃଢ଼, ସ୍ୱଚ୍ଛ ଓ ସକ୍ରିୟ ସମବାୟ ଆନ୍ଦୋଳନ ଗଢ଼ି ତୋଳିବା ସହିତ ସମସ୍ତ ସମବାୟ ଅନୁଷ୍ଠାନର ସାମଗ୍ରିକ ବିକାଶ ସମ୍ପର୍କରେ ନିଜ ନିଜର ମତାମତ ରଖିଥିଲେ।

**୨୦ଟି ପ୍ରସ୍ତାବରେ ସର୍ବସମ୍ମତି**

ସାଧାରଣ ସଭାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଭାବେ ମୋଟ ୨୦ଟି ପ୍ରସ୍ତାବ ଉପସ୍ଥାପିତ ହୋଇଥିଲା। ପ୍ରସ୍ତାବଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା ପରେ ସେଗୁଡ଼ିକ ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ଏହି ପ୍ରସ୍ତାବଗୁଡ଼ିକ ରାଜ୍ୟରେ ସମବାୟ କ୍ଷେତ୍ରର ବିକାଶ, ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ବୃଦ୍ଧି, ସଦସ୍ୟ ସ୍ୱାର୍ଥର ସୁରକ୍ଷା ଏବଂ ସମବାୟ ଆନ୍ଦୋଳନକୁ ଅଧିକ ଶକ୍ତିଶାଳୀ ଓ ଜନମୁଖୀ କରିବା ଦିଗରେ ଗୁରୁତ୍ୱ ବହନ କରିବ ବୋଲି ସଭାପତି ଶ୍ରୀମତୀ ପ୍ରଭାସିନୀ ଷଡ଼ଙ୍ଗୀ ପ୍ରକାଶ କରିଛନ୍ତି।

ଏହି ସାଧାରଣ ସଭାରେ ଓଡ଼ିଶା ସମବାୟ ନିବନ୍ଧକଙ୍କ ପ୍ରତିନିଧି ଭାବେ ଶ୍ରୀମତୀ ସ୍ୱାତିବାଳା ମହାପାତ୍ର, ମାର୍କଫେଡ୍ ସଭାପତି ଶ୍ରୀମତୀ କବିତା ମଞ୍ଜରୀ ପରିଡ଼ା, ମହିଳା ନିଗମ ସଭାପତି ଶ୍ରୀମତୀ ସ୍ୱାଧୀନବାଳା ଦାସ, ସେରିଫେଡ୍ ସଭାପତି ଶ୍ରୀଯୁକ୍ତ ଭାଗୀରଥୀ ନନ୍ଦ, ଓପେଲଫେଡ୍ ସଭାପତି ଶ୍ରୀଯୁକ୍ତ ଭୋଳେଶ୍ୱର ସ୍ୱାଇଁ, ଉତ୍କଳିକା ସଭାପତି ଶ୍ରୀମତୀ ଦେବସ୍ମିତା ସାହୁ, ଟିଡିସିସି ସଭାପତି ଶ୍ରୀ ଚାମେଲି ଓରାମ, ପୁରୀ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଶ୍ରୀ କିଶୋର ଛୋଟରାୟ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ଶ୍ରୀ ସୁବାସ ଚନ୍ଦ୍ର ପାଢ଼ୀଙ୍କ ସମେତ ବହୁ ସମବାୟ ନେତୃବୃନ୍ଦ, ପ୍ରତିନିଧି ଓ ଅଧିକାରୀ ଯୋଗଦେଇଥିଲେ। ସଭାଟି ଶୃଙ୍ଖଳିତ ଭାବେ ପରିଚାଳିତ ହୋଇଥିବା ବେଳେ, ସମବାୟ ଆନ୍ଦୋଳନର ଆଗାମୀ ଦିନର ବିକାଶ ପାଇଁ ଏକତା, ସହଯୋଗ ଓ ସାମୂହିକ ଦାୟିତ୍ୱର ବାର୍ତ୍ତା ଦେଇଛି। ଶେଷରେ ରାଜ୍ୟ ସମବାୟ ୟୁନିଅନ୍‌ର ଉପ ସଭାପତି ଶ୍ରୀଯୁକ୍ତ ବିରୋସେନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାଜଭାଷା ସମ୍ମିଳନୀ: ସାଂସ୍କୃତିକ ଜାତୀୟତାବାଦ ଓ ଭାରତୀୟ ଭାଷାର ପ୍ରୋତ୍ସାହନ ଉପରେ ଅମିତ ଶାହଙ୍କ ଗୁରୁତ୍ୱ

ମୁମ୍ବାଇ: କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହ ସୋମବାର ସାଂସ୍କୃତିକ ଜାତୀୟତାବାଦ ଓ ଭାରତୀୟ ଭାଷାର ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେଇଛନ୍ତି। ଶାହ କହିଛନ୍ତି, ସାଂସ୍କୃତିକ ଜାତୀୟତାବାଦର ଉଦ୍ଦେଶ୍ୟ ଭାରତର ସଂସ୍କୃତି ଓ ଇତିହାସ ନେଇ ସଚେତନତା ସୃଷ୍ଟି କରିବା। ଦେଶର ବିବିଧ ଭାଷାର ସ୍ୱର ଭିନ୍ନ ହୋଇପାରେ, କିନ୍ତୁ ଜାତୀୟ ଭାବନା ଏକ ରହିବା ଉଚିତ। ଜଣେ ଶିଶୁ ନିଜ ଦେଶକୁ ତା'ର ମାତୃଭାଷା ଦ୍ୱାରା ଚିହ୍ନିପାରେ ବୋଲି ଶାହ କହିବା ସହିତ ଭାରତୀୟ ଭାଷାର ପ୍ରୋତ୍ସାହନ ପାଇଁ ସମସ୍ତ ରାଜନୈତିକ ମତଭେଦକୁ ଅଲଗା ରଖିବା ଉଚିତ ବୋଲି ଆହ୍ୱାନ ଦେଇଥିଲେ। ଷଷ୍ଠ ସର୍ବଭାରତୀୟ ରାଜଭାଷା ସମ୍ମିଳନୀକୁ ସମ୍ବୋଧିତ କରି ଶାହ କହିଥିଲେ ଯେ, ମହାରାଷ୍ଟ୍ରରେ ଦେଶର ସବୁଠାରୁ ଅଧିକ ବହୁଭାଷୀ ସଂସ୍କୃତି ରହିଛି, ଏଠାରେ କଥିତ ଓ ବିକଶିତ ଭାଷା ମଧ୍ୟରେ ମରାଠୀ, କୋଙ୍କଣୀ, ଗୁଜରାଟୀ, ସିନ୍ଧି, ହିନ୍ଦୀ, କନ୍ନଡ ଓ ଓ୍ୱାର୍ଲି ଅନ୍ତର୍ଭୁକ୍ତ। ସେ ଆହୁରି କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମରାଠୀକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେଇଛନ୍ତି। ରାଷ୍ଟ୍ରୀୟ ଶିକ୍ଷା ନୀତି ଅଧୀନରେ ମାତୃଭାଷା ଶିକ୍ଷାକୁ ବାଧ୍ୟତାମୂଳକ କରିବା ପାଇଁ ଶାହ ପ୍ରଧାନମନ୍ତ୍ରୀଙ୍କୁ ଶ୍ରେୟ ଦେଇଥିଲେ ଓ କହିଥିଲେ ଯେ, ଛାତ୍ରଛାତ୍ରୀମାନେ ଅନ୍ୟ ଏକ ଭାରତୀୟ ଭାଷା ଶିଖିବା ମଧ୍ୟ ବାଧ୍ୟତାମୂଳକ। ନିଜ ମାତୃଭାଷା ବ୍ୟତୀତ ଆଉ ଏକ ଭାଷା ଶିଖିବାକୁ ଯେଉଁମାନେ ବିରୋଧ କରୁଛନ୍ତି ସେମାନେ ଜାଣିନାହାନ୍ତି ସେମାନେ କ'ଣ ପାପ କରୁଛନ୍ତି। ହିନ୍ଦୀକୁ ପ୍ରତିଦ୍ୱନ୍ଦ୍ୱୀ ଭାଷା ଭାବେ ନ ଦେଖିବାକୁ ଶାହ କହିଛନ୍ତି। ଏହି ଅବସରରେ ଶାହ କହିଥଲେ, 'ବନ୍ଦେ ମାତରମ୍'କୁ ଏହାର ପୂର୍ଣ୍ଣ ଗୌରବ ଫେରାଇବାକୁ ୮୦ ବର୍ଷ ସମୟ ଲାଗିଥିଲା।

## ୨୦୨୯ ସୁଦ୍ଧା ବିଜେପି ଶାସିତ ରାଜ୍ୟରେ ଲାଗୁ ହେବ UCC: ଶାହା

ନୂଆଦିଲ୍ଲୀ: ଆଗାମୀ ୨୦୨୯ ମସିହା ସୁଦ୍ଧା ଦେଶର ୨୧ଟି ବିଜେପି ଶାସିତ ରାଜ୍ୟରେ ୟୁନିଫର୍ମ ସିଭିଲ୍ କୋଡ୍ ଲାଗୁ କରାଯିବ ଏ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଓ ବଡ଼ ଘୋଷଣା କରିଛନ୍ତି। ଏକ ବିଶେଷ କାର୍ଯ୍ୟକ୍ରମରେ ଯୋଗଦେଇ ଗୃହମନ୍ତ୍ରୀ କହିଛନ୍ତି ଯେ, ବିଜେପି ସଦାସର୍ବଦା ଦେଶରେ ସମାନ ଆଇନ ବ୍ୟବସ୍ଥା ଲାଗୁ କରିବାକୁ ପ୍ରତିଶ୍ରୁତିବଦ୍ଧ। ଉତ୍ତରାଖଣ୍ଡ ସରକାର ସଫଳତାର ସହ ୟୁସିସି ବିଲ୍ ପାରିତ କରି ସାରା ଦେଶ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଗୃହମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ୨୦୨୯ ସାଧାରଣ ନିର୍ବାଚନ ପୂର୍ବରୁ ସମସ୍ତ ୨୧ଟି ଏନଡିଏ ଶାସିତ ରାଜ୍ୟରେ ୟୁସିସି ସମ୍ପର୍କିତ ଆଇନଗତ ପ୍ରକ୍ରିୟା ସମ୍ପୂର୍ଣ୍ଣ କରାଯିବ। ସମାଜରେ ଲିଙ୍ଗଗତ ସମାନତା, ମହିଳା ସଶକ୍ତୀକରଣ ଏବଂ ବିବାହ, ବିବାହ ବିଚ୍ଛେଦ, ସମ୍ପତ୍ତି ଅଧିକାର ଓ ପୋଷ୍ୟ ସନ୍ତାନ ଗ୍ରହଣ ଭଳି ବିଷୟଗୁଡ଼ିକରେ ସମସ୍ତ ନାଗରିକଙ୍କ ପାଇଁ ସମାନ ଆଇନ ରହିବ। ସମାନ ନାଗରିକ ସଂହିତାକୁ ନେଇ ବିରୋଧୀ ଦଳଗୁଡ଼ିକ ଦ୍ୱାରା କରାଯାଉଥିବା ସମାଲୋଚନା ଉପରେ କଡ଼ା ପ୍ରତିକ୍ରିୟା ରଖିଛନ୍ତି ଅମିତ ଶାହା। ସେ କହିଛନ୍ତି ଯେ ୟୁସିସି କୌଣସି ଧର୍ମ ବା ସମ୍ପ୍ରଦାୟ ବିରୋଧୀ ନୁହେଁ, ବରଂ ଏହା ଦେଶର ସମସ୍ତ ନାଗରିକଙ୍କୁ ସମାନ ସାମ୍ବିଧାନିକ ଅଧିକାର ପ୍ରଦାନ କରିବ।

# ୧୯୬୨ରୁ ୨୦୨୬: ନୂଆ ଆଇନର ଦ୍ୱାରରେ ଓଡ଼ିଶା ସମବାୟ—କିନ୍ତୁ ସମବାୟୀଙ୍କ ସ୍ୱର କେଉଁଠି ?

## ସମବାୟ ଆଇନ-୨୦୨୬




ରଞ୍ଜନ କୁମାର ଦାସ

ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ସମବାୟ ୟୁନିଅନ, ଭୁବନେଶ୍ୱର


## ଗୋଟିଏ ଗପ, ଗୋଟିଏ ପ୍ରଶ୍ନ !

ମୁଁ ଜନ୍ମ ହେବା ପୂର୍ବରୁ ଓଡ଼ିଶାରେ ସମବାୟ ଆଇନ ଜନ୍ମ ନେଇସାରିଥିଲା। ସେତେବେଳେ ମୋର ଦୁନିଆକୁ ଆସିବାର ପ୍ରଶ୍ନ ହିଁ ନଥିଲା। ବିହାର-ଓଡ଼ିଶା ଆଇନ ୧୯୩୫, ପରବର୍ତ୍ତୀ ଆଇନ୍ ଏବଂ ଶେଷରେ ୧୯୬୨ର ଓଡ଼ିଶା ସମବାୟ ଆଇନ—ଏହି ଆଇନ୍‌କୁ ଧରି ଓଡ଼ିଶାର ସମବାୟ ତା'ର ଯାତ୍ରା ଆରମ୍ଭ କରିଥିଲା। ମୋର ସମବାୟରେ ହେତୁ ପାଇବା ଦିନଠାରୁ ମୁଁ ସେହି ୧୯୬୨ର ଆଇନକୁ ଦେଖିଆସୁଛି। ମୋ ପରି ଆହୁରି ଅନେକ 'ଅନ୍ଧ ସମବାୟ ଭକ୍ତ' ଅଛନ୍ତି। ଆମେ ସମବାୟକୁ ଏତେ ଭଲ ପାଉ ଯେ, ବେଳେବେଳେ ଲାଗେ ସମବାୟ ଯେମିତି ଏକ ଅଲଗା ଜାତି ! କିନ୍ତୁ ଆଜିର ପିଢ଼ି ସମବାୟକୁ ସେତେ ଗୁରୁତ୍ୱ ଦିଏ କି ?

ଦିନେ ଭୁବନେଶ୍ୱର ବିମାନବନ୍ଦରରେ ଦୀର୍ଘଦିନ ପରେ ମୋର ଜଣେ ପୁରୁଣା ବନ୍ଧୁଙ୍କ ସହ ଦେଖା ହେଲା। କଥାବାର୍ତ୍ତା ଭିତରେ ପରିବାରର କଥା ଉଠିଲା। ସେ ବହୁତ ଖୁସିରେ କହିଲେ, ମୋ ପୁଅ **OCS** ପାଇଛି। ମୁଁ କହିଲି, ବାଃ! ଅଭିନନ୍ଦନ। କିନ୍ତୁ ବନ୍ଧୁଙ୍କ ଖୁସି ଅଧା ଥିଲା। ସେ କହିଲେ, ହେଲେ ମୁଁ ତାକୁ ପୁଣି **OAS** ପାଇଁ ପରୀକ୍ଷା ଦେବାକୁ କହିଛି। ମୁଁ ହସି କହିଲି, **OCS** କଣ ଖରାପ ଚାକିରି ? ସେ ମୋ ମୁହଁକୁ ଚାହିଁ ରହିଲେ।

ମୁଁ କହିଲି, ତୁମେ ଜାଣିଛ କି, ସମବାୟରେ କାମ କରିବା କେବଳ ଚାକିରି ନୁହେଁ? ନିଜର ଆଇନ୍ ଅଛି, ନିଜର ନିୟମ ଅଛି, ନିଜର ସ୍ୱତନ୍ତ୍ର ପରିଚାଳନା ବ୍ୟବସ୍ଥା ଅଛି। ସବୁଠାରୁ ବଡ଼ କଥା—ଗରିବ, ଚାଷୀ, ମୁଲିଆ ଓ ଗାଁର ସାଧାରଣ ଲୋକଙ୍କ ସହ ସିଧାସଳଖ କାମ କରିବାର ସୁଯୋଗ ଅଛି। ଗାଁର ଅର୍ଥନୀତିକୁ ଛୁଇଁବାର ସୁଯୋଗ ଅଛି। ତୁମ ପୁଅ **OCS** ପାଇଛି ବୋଲି ଗର୍ବ କର। ସମବାୟକୁ ଛୋଟ ଭାବନାହିଁ। ବନ୍ଧୁଙ୍କ ମୁହଁରେ ଏଥର ସତରେ ଖୁସି ଦେଖାଗଲା। ଯିବା ପୂର୍ବରୁ ମୁଁ ମଜାରେ କହିଦେଲି, ତୋ ବୋହୂକୁ କହିବୁ, ସେ ଅଫିସ ଯିବାବେଳେ ଓ ଫେରିବାବେଳେ ଥରେ କହିବ— 'ଜୟ ତୁ ସମବାୟ'।

କଥା ହେଉ ହେଉ ମୋର ଫ୍ଲାଇଟ୍ ସମୟ ହୋଇଗଲା। ମୁଁ ଚାଲିଆସିଲି। କିନ୍ତୁ ବିମାନରେ ବସିବା ପରେ ମୋ ମନରେ ଗୋଟିଏ ପ୍ରଶ୍ନ ଘୁରୁଥିଲା— ଆମେ ସମବାୟକୁ ନିଜେ କେତେ ଜାଣିଛୁ ? ଯେଉଁ ସମବାୟକୁ ଆଜି ଅନେକ ଲୋକ ଚାକିରିର ଛୋଟ ଜାଗା ଭାବୁଛନ୍ତି, ସେହି ସମବାୟକୁ ଦେଶର ନୀତି ନିର୍ଦ୍ଧାରଣରେ ଆଜି ନୂଆ ଗୁରୁତ୍ୱ ମିଳୁଛି।

ପ୍ରାୟ ପାଞ୍ଚ ବର୍ଷ ତଳେ କେନ୍ଦ୍ର ସରକାର କୃଷି ବିଭାଗରୁ ସମବାୟକୁ ଅଲଗା କରି ସ୍ୱତନ୍ତ୍ର ସମବାୟ ମନ୍ତ୍ରାଳୟ ଗଠନ କଲେ। ଦେଶର ସମବାୟ ଆନ୍ଦୋଳନକୁ ନୂଆ ଦିଗ ଦେବାର ଦାୟିତ୍ୱ ନେଲେ କେନ୍ଦ୍ର ସମବାୟ ମନ୍ତ୍ରୀ ଶ୍ରୀ ଅମିତ ଶାହ। ଆଜି 'ସମବାୟରୁ ସମୃଦ୍ଧି' କଥା କେବଳ ଦିଲ୍ଲୀର ମନ୍ତ୍ରାଳୟରେ ନୁହେଁ, ଗାଁର ଚାଷୀଙ୍କ ମୁହଁରେ ମଧ୍ୟ ଶୁଣିବାକୁ ମିଳୁଛି। ତେବେ ଯେତେବେଳେ ଦେଶ ସମବାୟକୁ ଆଗକୁ ନେବା ପାଇଁ ନୂଆ ଚିନ୍ତା କରୁଛି, ସେତେବେଳେ ଓଡ଼ିଶା ମଧ୍ୟ ନୂଆ ଅଧ୍ୟାୟ ଲେଖିବାକୁ ଯାଉଛି।

ଚର୍ଚ୍ଚା ହେଉଛି—୧୯୬୨ର ପୁରୁଣା ଆଇନ ବଦଳିବ। ୨୦୨୬ରେ ଓଡ଼ିଶା ପାଇବ ନୂଆ ସମବାୟ ଆଇନ। ଏହା ଶୁଣି ମୋ ପରି ସମବାୟ ଭକ୍ତ ଖୁସି ହେବା ସ୍ୱାଭାବିକ। ୬୪ ବର୍ଷ ପରେ ଆଇନ ବଦଳିବ। ସମୟ ବଦଳିଛି, ସମାଜ ବଦଳିଛି, ଅର୍ଥନୀତି ବଦଳିଛି, ସମବାୟର ଆବଶ୍ୟକତା ବଦଳିଛି। ତେଣୁ ଆଇନ ମଧ୍ୟ ବଦଳିବା ଦରକାର। କିନ୍ତୁ ଏଠି ମୋର ମନରେ ଟିକେ ପ୍ରଶ୍ନ ଆସେ - ଆଇନ ତ ନୂଆ ହେବ। କିନ୍ତୁ ଆଇନ ତିଆରି କରିବାବେଳେ ସମବାୟୀଙ୍କ ସ୍ୱର କେଉଁଠି? **Policy** ପ୍ରସ୍ତୁତି ସମୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ୫ଟି ମେଳା କରାଯାଇଥିଲା। ସମବାୟୀଙ୍କୁ ଡକାଗଲା। ଆଲୋଚନା ହେଲା। ମତାମତ ନିଆଗଲା। ସେହି ମତାମତକୁ ନେଇ **Policy** ପ୍ରସ୍ତୁତ ହେଲା।

ତେବେ ମୋର ଛୋଟ ପ୍ରଶ୍ନ—

**Policy** ପାଇଁ ୫ଟି ମେଳା ହୋଇପାରେ, **Act** ପାଇଁ କାହିଁକି ନୁହେଁ? ଯୋଉ **act** ନେଇ କୋର୍ଟ, କଚେରି ହୋଇ ପାରେ ! **Policy** ତ ନୀତିର ଦିଗ ଦେଖାଏ। କିନ୍ତୁ **Act** ହେଉଛି ଆଇନ୍। **Policy** ଉପରେ ଆଲୋଚନା ହୁଏ, କିନ୍ତୁ ଆଇନ୍ ଅଦାଲତରେ ପରୀକ୍ଷା ହୁଏ।

ଆଜି ସମବାୟର ଅନେକ ବିଷୟ କୋର୍ଟ ପର୍ଯ୍ୟନ୍ତ ଯାଉଛି। ନିର୍ବାଚନ, ପରିଚାଳନା, ସଦସ୍ୟତା, ଅଧିକାର, ସରକାରୀ ହସ୍ତକ୍ଷେପ—କେତେ କଥା ନେଇ ବିବାଦ। ତେବେ ଆଇନ ଯଦି ଆଗରୁ ସ୍ପଷ୍ଟ ଥାଏ, ତେବେ ଆସନ୍ତାକାଲିର ଅନେକ ବିବାଦ ଆଜି ହିଁ ଶେଷ କରାଯାଇପାରେ। ସେଥିପାଇଁ ମୁଁ କହୁଛି—ନୂଆ **Act** ତିଆରି କରିବାବେଳେ କେବଳ ଅଧିକାରୀଙ୍କ ଟେବୁଲ ଉପରେ ଫାଇଲ ରଖିଲେ ହେବ ନାହିଁ। ସେହି ଟେବୁଲ ପାଖରେ ସମବାୟୀଙ୍କ ଚେୟାର ମଧ୍ୟ ରହିବା ଦରକାର। **PACS**ର ସ୍ୱର ରହିବା ଦରକାର। **DCCB**ର ସ୍ୱର ରହିବା ଦରକାର। ଆପେକ୍ସ ସଂସ୍ଥାର ସ୍ୱର ରହିବା ଦରକାର। ସମବାୟ ୟୁନିଅନର ସ୍ୱର ରହିବା ଦରକାର। ନିର୍ବାଚିତ ସମବାୟ ପ୍ରତିନିଧିଙ୍କ ସ୍ୱର ରହିବା ଦରକାର। ପୂର୍ବତନ ସମବାୟ ଅଧିକାରୀଙ୍କ ଅନୁଭବ ରହିବା ଦରକାର। ଆଇନ୍ ବିଶେଷଜ୍ଞଙ୍କ ମତ ରହିବା ଦରକାର।

କାରଣ ଆଇନ୍ ଲେଖୁଥିବା ଲୋକ ଆଇନ୍‌ର ଭାଷା ଜାଣି ପାରନ୍ତି, କିନ୍ତୁ ଆଇନ୍‌ର ପ୍ରଭାବକୁ ଯେଉଁମାନେ ପ୍ରତିଦିନ ଅନୁଭବ କରନ୍ତି, ସେମାନଙ୍କ ଅନୁଭବ ମଧ୍ୟ ଆଇନ୍‌ର ଅଂଶ ହେବା ଦରକାର। ସବୁ ସମୟରେ ଭାଷଣ ଦେବା ବେଳେ ଗୁଜରାଟ ଓ କେରଳର ଉଦାହରଣ ଆମେ ଦେଉଛୁ। ସେଠାର ସମବାୟ ଆଇନ ଓ ନିୟମାବଳୀ ବିସ୍ତୃତ ବୋଲି କହୁଛୁ।

ଓଡ଼ିଶାର ଆଇନ୍ ତୁଳନାରେ ସେଠାରେ ବିଭିନ୍ନ ବିଷୟ ଅଧିକ ବିସ୍ତାରରେ ରହିଛି ବୋଲି ଆଲୋଚନା ହୁଏ। ମୁଁ କହିବି—ପୃଷ୍ଠା ଅଧିକ ହେଲେ ଆଇନ୍ ଭଲ ହୁଏ ନାହିଁ। କିନ୍ତୁ ଯଦି ଆମର ସମବାୟର ଆବଶ୍ୟକତା ଅଧିକ ହୋଇଛି, ତେବେ ଆବଶ୍ୟକ ହେଲେ ପୃଷ୍ଠା ବଢ଼ୁ। କିନ୍ତୁ ଅସ୍ପଷ୍ଟତା କମୁ। ଏହି ଆଇନ୍‌ରେ ଅଧିକାରୀଙ୍କ ଶକ୍ତି ରହୁ, କିନ୍ତୁ ସମବାୟୀଙ୍କ ଅଧିକାର ତା'ଠାରୁ ଅଧିକ ସ୍ପଷ୍ଟ ହେଉ। ସରକାରୀ ନିରୀକ୍ଷଣ ରହୁ, କିନ୍ତୁ ସମବାୟର ସ୍ୱାୟତ୍ତତା ମଧ୍ୟ ସୁରକ୍ଷିତ ରହୁ। ନିୟମ ରହୁ, କିନ୍ତୁ ନିର୍ବାଚିତ ସଂସ୍ଥାର ଗଣତାନ୍ତ୍ରିକ ଅଧିକାର ମଧ୍ୟ ରହୁ। ଶୃଙ୍ଖଳା ରହୁ, କିନ୍ତୁ ଅନାବଶ୍ୟକ ହସ୍ତକ୍ଷେପର ଦ୍ୱାର ମଧ୍ୟ ବନ୍ଦ ରହୁ।

ଏବେ ପ୍ରଶ୍ନ ହେଉଛି—ନୂଆ ଆଇନ୍ କାହା ପାଇଁ? ସରକାର ପାଇଁ? ଅଧିକାରୀଙ୍କ ପାଇଁ? ନା ସମବାୟୀଙ୍କ ପାଇଁ? ଯଦି ଆଇନ୍ ସମବାୟୀଙ୍କ ପାଇଁ, ତେବେ ସମବାୟୀଙ୍କ ମତାମତ ନେବାରେ ଅସୁବିଧା କେଉଁଠି ?

କେବଳ ୫ ଜଣ ବସି ଆଲୋଚନା କଲେ କ'ଣ ସାରା ଓଡ଼ିଶାର ସମବାୟର ଚିତ୍ର ଦେଖାଯିବ ? ଗାଁର **PACS**ରୁ ଯେଉଁ ଚାଷୀ ଋଣ ନେଉଛି, ତା'ର ଅଭିଜ୍ଞତା କ'ଣ ଆଇନ୍‌ରେ ଦରକାର ନୁହେଁ? ସମବାୟ ସଂସ୍ଥା ଚଳାଉଥିବା ନିର୍ବାଚିତ ପ୍ରତିନିଧିଙ୍କ ଅନୁଭବ ଦରକାର ନୁହେଁ? ବର୍ଷ ବର୍ଷ ଧରି ସମବାୟ ବିଭାଗରେ କାମ କରିଥିବା ଅଧିକାରୀଙ୍କ ଅନୁଭବ ଦରକାର ନୁହେଁ?

ଏହା କାହା ବିରୋଧରେ ପ୍ରଶ୍ନ ନୁହେଁ। ଏହା ନୂଆ ଆଇନ୍‌କୁ ଆହୁରି ଭଲ କରିବା ପାଇଁ ପ୍ରଶ୍ନ। ସରକାର ଯଦି ସତରେ ସମବାୟକୁ ଶକ୍ତିଶାଳୀ କରିବାକୁ ଚାହାନ୍ତି, ତେବେ ସମବାୟୀଙ୍କ ମତ ଶୁଣିବାକୁ ଭୟ କାହିଁକି? **Draft Act** ସାର୍ବଜନୀନ ହେଉ। ଲୋକଙ୍କଠାରୁ ମତାମତ ନିଆଯାଉ। ଜିଲ୍ଲାରୁ ଜିଲ୍ଲାକୁ ଆଲୋଚନା ହେଉ। ସମବାୟୀମାନେ କହନ୍ତୁ। ଅଧିକାରୀମାନେ ଶୁଣନ୍ତୁ। ବିଶେଷଜ୍ଞମାନେ ବିଶ୍ଳେଷଣ କରନ୍ତୁ। ସରକାର ଶେଷ ନିଷ୍ପତ୍ତି ନିଅନ୍ତୁ। ତା'ହେଲେ ଯେଉଁ ଆଇନ୍ ଆସିବ, ତାହାକୁ ସମବାୟୀ ନିଜର ଆଇନ୍ ବୋଲି କହିପାରିବେ। ନଚେତ୍ ଆଇନ୍ ବହି ନୂଆ ହୋଇଯିବ, କିନ୍ତୁ ମନୋଭାବ ପୁରୁଣା ହୋଇ ରହିଯିବ।

୧୯୬୨ରୁ ୨୦୨୬—ଏହା କେବଳ ଗୋଟିଏ ଆଇନ୍ ବଦଳାଇବାର ଯାତ୍ରା ନୁହେଁ। ଏହା ଓଡ଼ିଶାର ସମବାୟ ଆନ୍ଦୋଳନର ନୂଆ ଭବିଷ୍ୟତ ଲେଖିବାର ସୁଯୋଗ। ତେଣୁ ଏଥର ଆଇନ୍ ବହି ନୂଆ ହେବା ସହିତ ଚିନ୍ତାଧାରା ମଧ୍ୟ ନୂଆ ହେଉ। ସମବାୟ କେବଳ ଫାଇଲରେ ନ ରହୁ। ସମବାୟ କେବଳ କାର୍ଯ୍ୟାଳୟରେ ନ ରହୁ।

ସମବାୟ ଗାଁରେ ରହୁ। ଚାଷୀଙ୍କ ଜୀବନରେ ରହୁ। ଯୁବପିଢ଼ିର ସ୍ୱପ୍ନରେ ରହୁ ଏବଂ ସବୁଠାରୁ ବଡ଼ କଥା—ସମବାୟୀଙ୍କ ଅଧିକାରରେ ରହୁ। ମୋର ସେହି ବିମାନବନ୍ଦରର ବନ୍ଧୁଙ୍କ କଥା ମନେ ପଡ଼େ। ତାଙ୍କ ପୁଅ **OCS** ପାଇଥିଲା। ସେ **OAS** ପାଇଁ ଚିନ୍ତା କରୁଥିଲେ।

ମୁଁ ତାଙ୍କୁ କହିଥିଲି—

ସମବାୟକୁ ଛୋଟ କରି ଦେଖନାହିଁ। ଆଜି ମୁଁ ସେହି କଥା ଆମ ସମାଜକୁ କହିବାକୁ ଚାହୁଁଛି— ସମବାୟକୁ ଛୋଟ କରି ଦେଖନ୍ତୁ ନାହିଁ। କାରଣ ସମବାୟ କେବଳ ଗୋଟିଏ ଆଇନ୍ ନୁହେଁ। ସମବାୟ ହେଉଛି ଲକ୍ଷ ଲକ୍ଷ ଲୋକଙ୍କ ଆଶା। ଏବେ ଓଡ଼ିଶା ନୂଆ ଆଇନ୍ ଲେଖିବାକୁ ଯାଉଛି। ସେହି ଆଇନ୍‌ର ପ୍ରଥମ ପୃଷ୍ଠାରେ ଯଦି ଗୋଟିଏ କଥା ଲେଖା ଥାଏ, ତେବେ ମୋ ପରି ସମବାୟ ଭକ୍ତଙ୍କ ମନ ଖୁସି ହେବ— ଏହି ଆଇନ୍ ସମବାୟୀଙ୍କ ପାଇଁ, ତେଣୁ ଏହା ତିଆରିରେ ସମବାୟୀଙ୍କ ସ୍ୱର ରହିଛି। ନୂଆ **Act** ଆସୁ। ନିଶ୍ଚୟ ଆସୁ।

ସମବାୟ ଆହୁରି ଶକ୍ତିଶାଳୀ ହେଉ। **PACS**ରେ ସମବାୟ ପତାକା ଆହୁରି ଉଚ୍ଚରେ ଉଡ଼ୁ। କିନ୍ତୁ ସେହି ପତାକାର ରଙ୍ଗରେ ରହୁ— ଚାଷୀଙ୍କ ସ୍ୱପ୍ନ, ସମବାୟୀଙ୍କ ଅଧିକାର, ନିର୍ବାଚିତ ପ୍ରତିନିଧିଙ୍କ ଗଣତନ୍ତ୍ର ଏବଂ ଓଡ଼ିଶାର ସମବାୟର ଭବିଷ୍ୟତ। କାରଣ ଶେଷରେ ପ୍ରଶ୍ନ ଗୋଟିଏ— ଆଇନ୍ ନୂଆ ହେବ, କିନ୍ତୁ ଆଇନ୍ ତିଆରିରେ ସମବାୟୀଙ୍କ ସ୍ୱର କେଉଁଠି ?

ଜୟ ତୁ ସମବାୟ।

# ସମ୍ପ୍ରସାରିତ ଭୂ-ରାଜନୈତିକ ଗୋଷ୍ଠୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ: ମୋଦି

ନୂଆଦିଲ୍ଲୀ: ନୂଆଦିଲ୍ଲୀସ୍ଥିତ ପ୍ରସିଦ୍ଧ ଭାରତ ମଣ୍ଡପମ୍ ପରିସରରେ ଅନୁଷ୍ଠିତ ୧୮ତମ ବ୍ରିକ୍ସ ଶିଖର ସମ୍ମିଳନୀ ଐତିହାସିକ ସଫଳତା ସହ ଉଦ୍‌ଯାପିତ ହୋଇଯାଇଛି। ସମ୍ପ୍ରସାରିତ ଭୂ-ରାଜନୈତିକ ଗୋଷ୍ଠୀ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହୋଇଥିବା ଏହି ଦୁଇଦିନିଆ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଧ୍ୟକ୍ଷତା କରିଥିଲେ। ସୁଦୃଢ଼ତା, ସ୍ଥାୟୀତ୍ୱ ଏବଂ ସର୍ବସମାବେଶୀ ବିଶ୍ୱ ଅଭିବୃଦ୍ଧି ବିଷୟବସ୍ତୁ ଉପରେ ଆଧାରିତ ଏହି ସମ୍ମିଳନୀରେ ସର୍ବସମ୍ମତ ନୂଆଦିଲ୍ଲୀ ଘୋଷଣାନାମା ଗୃହୀତ ହେବା ଏକ ବିଶାଳ କୂଟନୈତିକ ଉପଲବ୍ଧି। ଏହି ମିଳିତ ଦଲିଲ ଆର୍ଥିକ ଏକତ୍ରୀକରଣ, ବହୁପାକ୍ଷିକ ଶାସନ ସଂସ୍କାର ଏବଂ ଯୋଗାଣ ଶୃଙ୍ଖଳା ସୁରକ୍ଷା ପାଇଁ ନୂତନ ରୂପରେଖ ନିର୍ଦ୍ଧାରଣ କରିଛି। ପଶ୍ଚିମ ଏସିଆର ଉତ୍ତେଜନା ସମ୍ପର୍କରେ ଏକ ସୂକ୍ଷ୍ମ ବୁଝାମଣା ମାଧ୍ୟମରେ ଜଟିଳ ଭୂ-ରାଜନୈତିକ ମତଭେଦକୁ ସଫଳତାର ସହ ସମାଧାନ କରାଯାଇପାରିଛି।

ସମ୍ମିଳନୀର ଶେଷ ଦିବସ ମୁକ୍ତ ଅଧିବେଶନରେ ବିଶ୍ୱନେତାଙ୍କ ଏକ ଉଚ୍ଚସ୍ତରୀୟ ସମାବେଶ ଦେଖିବାକୁ ମିଳିଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସହ ବ୍ରିକ୍ସର ମୁଖ୍ୟ ରାଷ୍ଟ୍ରମୁଖ୍ୟମାନେ ଯୋଗଦେଇଥିଲେ, ଯେଉଁଥିରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ, ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ, ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍, ଦକ୍ଷିଣ ଆଫ୍ରିକା ରାଷ୍ଟ୍ରପତି ସିରିଲ୍ ରାମାଫୋସା, ଇଜିପ୍ଟ ରାଷ୍ଟ୍ରପତି ଅବଦେଲ ଫତାହ ଅଲ୍-ସିସି, ଇଥିଓପିଆ ପ୍ରଧାନମନ୍ତ୍ରୀ ଆବି ଅହମ୍ମଦ ଅଲ୍ଲୀ ଏବଂ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋଓ୍ୱୋ




## ବ୍ରିକ୍ସ ସମ୍ମିଳନୀ

ସୁବିଆନ୍ତୋ ସାମିଲ ଥିଲେ। ବ୍ରାଜିଲର ପ୍ରତିନିଧିତ୍ୱ ବୈଦେଶିକ ମନ୍ତ୍ରୀ ମୌରୋ ଭିଏରା କରିଥିଲେ। ସମ୍ମିଳନୀରେ ମାଲେସିଆ ପ୍ରଧାନମନ୍ତ୍ରୀ ଅନଓ୍ୱର ଇବ୍ରାହିମ୍, ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର. ମାର୍କୋସ ଜୁନିୟର, କାଜାଖସ୍ତାନ ରାଷ୍ଟ୍ରପତି କାସିମ୍-ଜୋମାର୍ଟ ଟୋକାୟେଭ୍ ଏବଂ ବୁରୁଣ୍ଡି ରାଷ୍ଟ୍ରପତି ଏଭାରିଷ୍ଟ ନଦାୟିସିମିୟେଙ୍କ ସମେତ ପ୍ରମୁଖ ସହଯୋଗୀ ଦେଶର ନେତାମାନଙ୍କୁ ସ୍ୱାଗତ କରାଯାଇଥିଲା। ଉଚ୍ଚସ୍ତରୀୟ ପ୍ରତିନିଧିମଣ୍ଡଳୀ ମଧ୍ୟରେ ନାଇଜେରିଆ ଉପରାଷ୍ଟ୍ରପତି କାସିମ୍ ସେଟ୍ଟିମା, ଉଗାଣ୍ଡା ଉପରାଷ୍ଟ୍ରପତି ଜେସିକା ଅ ଲୁପୋ ଏବଂ ସାଉଦି ଆରବ ବୈଦେଶିକ ମନ୍ତ୍ରୀ ଶେହଜାଦା ଫୈଜଲ ବିନ୍ ଫରହାନ ଅଲ୍ ସାଉଦଙ୍କ ସହ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ଉପସ୍ଥିତ ଥିଲେ। ଶେଷ ଗ୍ରୁପ୍ ଫଟୋ ପୂର୍ବରୁ ସମାବେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ମୋଦୀ ଗ୍ଲୋବାଲ୍ ସାଉଥ୍ ପାଇଁ 'ପିରାମିଡ୍ ଅଫ୍ ପ୍ରିଭିଲେଜ୍' (ବିଶେଷାଧିକାରର ପିରାମିଡ୍)କୁ ଭାଗୀଦାରୀର ମଞ୍ଚରେ ପରିଣତ କରିବାକୁ ଅନ୍ତର୍ଜାତୀୟ ସମୁଦାୟକୁ ଆହ୍ୱାନ ଜଣାଇଥିଲେ। ଏହାସହ ବୈଷୟିକ ଜ୍ଞାନକୌଶଳ ଏବଂ ସଙ୍କଟଜନକ ଖଣିଜ ପଦାର୍ଥର ଅସ୍ତ୍ରୀକରଣ ବିରୋଧରେ ସେ ଚେତାବନୀ ଦେଇଥିଲେ। ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ଗମ୍ଭୀର ବିଶ୍ୱସ୍ତରୀୟ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଏକ ମିଳିତ ସହମତି ସୃଷ୍ଟି କରିବାର କୂଟନୈତିକ ସଫଳତାକୁ ପ୍ରଶଂସା କରିଥିଲେ।

## ଦିଲ୍ଲୀରେ ସ୍ୱତନ୍ତ୍ର ସ୍ଥାନ ପାଇଲା କୋରାପୁଟର କଫି

ନୂଆଦିଲ୍ଲୀ: କୁହାଯାଏ ସ୍ୱାଦ ଏମିତି ଏକ ଜିନିଷ ଯାହା ଜଣଙ୍କୁ ସବୁବେଳେ ସେହି ଖାଦ୍ୟ ଆଡକୁ ଟାଣିନିଏ। ଏବେ ଏହାକୁ କାର୍ଯ୍ୟରେ କରି ଦେଖାଇବାକୁ କେନ୍ଦ୍ର ବୈଦେଶିକ ମନ୍ତ୍ରାଳୟ ଏକ ଭିନ୍ନ ପ୍ରୟାସ କରିଛି। ନୂଆଦିଲ୍ଲୀରେ ଦୁଇଦିନିଆ ବ୍ରିକ୍ସ ଶିଖର ସମ୍ମିଳନୀ ଭାରତର ଅଧ୍ୟକ୍ଷତାରେ ଆରମ୍ଭ ହୋଇଯାଇଛି। ଏହି ଅବସରରେ ବିଶ୍ୱର ଅନେକ ପ୍ରମୁଖ ନେତା ଏକାଠି ହେଉଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଶା ପ୍ରକାଶ କରିଛନ୍ତି ଯେ ଏହି ବୈଠକରେ ବିଶ୍ୱ କଲ୍ୟାଣ ଏବଂ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ସକାରାତ୍ମକ ଓ ଅର୍ଥପୂର୍ଣ୍ଣ ଆଲୋଚନା ହେବ। ଏହି ବିଶ୍ୱ ସ୍ତରୀୟ ସମ୍ମିଳନୀରେ ଆମ ଓଡ଼ିଶାର କୋରାପୁଟର କଫି ଏକ ସ୍ୱତନ୍ତ୍ର ସ୍ଥାନ ପାଇଛି। ବାସ୍ତବରେ ବ୍ରିକ୍ସ ସମ୍ମିଳନୀ ପାଇଁ ଭାରତ ଆସିଥିବା ବିଦେଶୀ ସାମ୍ବାଦିକ, କୂଟନୀତି ବିଶେଷଜ୍ଞଙ୍କୁ ଯେଉଁ ଉପହାର ଦିଆଯାଉଛି ସେଥିରେ କୋରାପୁଟ କଫି ସ୍ଥାନ ପାଇଛି। ମିଳିଥିବା ସୂଚନା ମୁତାବକ ଭୋକାଲ ଫର ଲୋକାଲ ଅଭିଯାନରେ କେନ୍ଦ୍ର ବୈଦେଶିକ ମନ୍ତ୍ରାଳୟ ବିହାରର ମଖାନା, ଗୁଜୁରାଟର କଳାକୃତି ଥିବା ଏକ ବ୍ୟାଗ, ବ୍ରିକ୍ସ ଲୋଗୋ ଖୋଦେଇ ହୋଇଥିବା ପାଣି ବୋତଲ ସହ କୋରାପୁର୍ଟ କଫିର ଏକ ପ୍ୟାକେଟ ଉପହାର ଭାବେ ଦେଉଛି। କୋରାପୁଟ କଫିକୁ ବିଶ୍ୱ ଦରବାରରେ ପହଞ୍ଚାଇବା ପାଇଁ କେନ୍ଦ୍ର ସରକାର ଏହି ବିଶ୍ୱସ୍ତରୀୟ ସମ୍ମିଳନୀରେ ଉପହାର ଭାବେ ଦେବାକୁ ନିଷ୍ପତ୍ତି ନେଇଛନ୍ତି।

## ସଙ୍କଟରେ ଦେଶୀ ଧାନ ବିହନ

# ରାସାୟନିକ ସାର ପାଇଁ କମୁଛି ମାଟିର ଉର୍ବରତା

ଜୟପୁର: ଅଧିକ ଓ କମ୍ ସମୟରେ ଅମଳ ଆଶାରେ ଚାଷୀଙ୍କ ମଧ୍ୟରେ ହାଇବ୍ରିଡ୍ ବିହନର ଚାହିଦା ବଢ଼ିଛି। ଏହା ସହ ଡିଏପି, ୟୁରିଆ ଓ ପଟାସ୍ ଭଳି ରାସାୟନିକ ସାର ବ୍ୟବହାର ମାତ୍ରା ମଧ୍ୟ ବଢ଼ିଛି। ଫଳରେ ଜୈବ ବିବିଧତାରେ ସମୃଦ୍ଧ କୋରାପୁଟର ସଂରକ୍ଷିତ ଦେଶୀଧାନ ବିହନ ଏବେ ସଂକଟରେ। ମାଟିର ଉର୍ବରତା କମୁଥିବାରୁ ଅନେକ ପାରମ୍ପରିକ କିସମ ବିହନ ବ୍ୟବହାର ମଧ୍ୟ ସୀମିତ ହୋଇଯାଇଛି। ଏକଦା ପାହାଡ଼ିଆ ଓ ଉପତ୍ୟକା ଅଞ୍ଚଳରେ ସ୍ଥାନୀୟ ମାଟି ଓ ଜଳବାୟୁ ସହ ଖାପ ଖାଉଥିବା ବିଭିନ୍ନ ଦେଶୀଧାନ ଚାଷ ହେଉଥିଲା। ଚାଷୀ ନିଜ ଅମଳରୁ ବିହନ ବାଛି ସଂରକ୍ଷଣ କରି ପରବର୍ତ୍ତୀ ଋତୁରେ ବ୍ୟବହାର କରୁଥିଲେ। ଜୟପୁର ନିକଟସ୍ଥ ବାଟଜଗନ୍ନାଥପୁର ଗ୍ରାମର ଅନୁଭବୀ ଚାଷୀ ମୁକୁନ୍ଦ ଜାନୀଙ୍କ କହିବାନୁସାରେ, ପୂର୍ବରୁ ଗୋବର ଓ ଖତ ବ୍ୟବହାର କରି ଜମିର ଉର୍ବରତା ବଜାୟ ରଖାଯାଉଥିଲା। ଏବେ ସମସ୍ତେ ରାସାୟନିକ ସାର ଉପରେ ନିର୍ଭରଶୀଳ। ବର୍ତ୍ତମାନ ସମୟରେ



ଅସନ୍ତୁଳିତ ସାର ପ୍ରୟୋଗ ମାଟିର ଜୈବିକ ଗୁଣ ଓ ଉର୍ବରତାକୁ ପ୍ରଭାବିତ କରୁଛି। ସେପଟେ ଅମଳ ଓ ବଜାର ଚାହିଦା ଯୋଗୁଁ ଆଡଭେଣ୍ଟା, ଡିଟି, ୧୧୫୬, ୧୧୫୩ ଓ ୧୦୧୦ ଭଳି ହାଇବ୍ରିଡ୍ ଓ ସରକାରୀ ରିସର୍ଚ୍ଚ କିସମ ଚାଷୀଙ୍କୁ ଆକର୍ଷିତ କରୁଛି। ବାଉଁଶୁଣିମୁଣ୍ଡି, ଭାଲୁ ଧାନ, ହଳଦୀ ଧାନ, ଗଦାକୁଟା, ବାଗୁରିଚୁରି, ଆସାମଚୁରି ଓ ପାତ୍ରା ଧାନ ଭଳି ପାରମ୍ପରିକ କିସମର ଚାଷ ହ୍ରାସ ପାଇଛି। ତଥାପି ଗ୍ରାମର ମୁକୁନ୍ଦ ଓ ଲୋକନାଥଙ୍କ ଭଳି କିଛି ଚାଷୀ 'ପାରିଜାତ', 'ବାୟା ଅଲସୀ' ଓ 'ଯଯାତି' କିସମ ଦେଶୀଧାନ ଚାଷ କରୁଛନ୍ତି। କୋରାପୁଟ ଜିଲ୍ଲାର ପ୍ରସିଦ୍ଧ 'କଳା ଜିରା' ଓ 'ଲିକିଟିମାଛି' ଭଳି ସୁଗନ୍ଧିତ ଦେଶୀଧାନ ଚାଷ ଏ ଅଞ୍ଚଳର ସମୃଦ୍ଧ କୃଷି ପରମ୍ପରାର ଏକ ଅନନ୍ୟ ପରିଚୟ। ସୁଗନ୍ଧ, ସ୍ୱାଦ ଓ ସ୍ଥାନୀୟ ପରିବେଶ ସହ ଖାପ ଖୁଆଇବାର କ୍ଷମତା ଏହି କିସମର ବିଶେଷତା। ଧୀରେ ଧୀରେ ଦେଶୀବିହନ ବ୍ୟବହାର ହ୍ରାସ ପାଇବା ଯୋଗୁଁ ପାରମ୍ପରିକ କୃଷିଜ୍ଞାନ ଓ ଜୈବ ବିବିଧତା ମଧ୍ୟ ବିପଦରେ। ପରିବେଶରେ ଖାପ ଖୁଆଉଥିବା ଏହି ବିହନ ଭବିଷ୍ୟତ ପିଢ଼ିର ଚାଷୀଙ୍କ ପାଇଁ ମୂଲ୍ୟବାନ ହୋଇପାରେ। ଲୁପ୍ତପ୍ରାୟ କିସମର ସର୍ଭେ, ଚିହ୍ନଟ ଓ ସଂରକ୍ଷଣ ସହ ବିହନ ବ୍ୟାଙ୍କ ପ୍ରତିଷ୍ଠା, ଚାଷୀଙ୍କୁ ପ୍ରୋତ୍ସାହନ ଏବଂ ଦେଶୀ ଧାନ ପାଇଁ ଉଚିତ ବଜାର ସୃଷ୍ଟି କରିବା ଆବଶ୍ୟକ।

# ଚନ୍ଦାପଣ ଓ ବାଳ ଝଡ଼ିବା:

## ଚିକିତ୍ସା ନା ଚିନ୍ତାର ବିଜନେସ୍ ?



ଅନେକ ପୁରୁଷ ଏବଂ ମହିଳା ଆଜିକାଲି ବାଳ ଝଡ଼ିବାର ଭୟରେ ଆକୁଳ। ଏହା କେବଳ ଏକ ଜୈବିକ ପ୍ରକ୍ରିୟା ନୁହେଁ, ବରଂ ଏହା ପରିଚୟ, ରୂପ ଏବଂ ଅସୁରକ୍ଷିତ ଭାବନା ସହିତ ଜଡ଼ିତ ଏକ ବିରାଟ ବ୍ୟବସାୟରେ ପରିଣତ ହୋଇଛି। ଫାର୍ମା ଇଣ୍ଡଷ୍ଟ୍ରି ଏବଂ ନିବେଶକମାନେ ଏହାକୁ ଏକ ବିଶାଳ ସୁବର୍ଣ୍ଣ ଖଣି ଭାବରେ ଦେଖୁଛନ୍ତି। ଓଜନ କମାଇବା ଔଷଧ ଯେପରି ଫାର୍ମା କମ୍ପାନୀଗୁଡ଼ିକର ଭାଗ୍ୟ ବଦଳାଇଥିଲା, ସେହିପରି ବାଳ ଝଡ଼ିବା ଚିକିତ୍ସା ମଧ୍ୟ ଆଗାମୀ ବଡ଼ ବଜାର ହୋଇପାରେ। ଆମେରିକାରେ ପ୍ରାୟ ୫



କୋଟି ପୁରୁଷ ଏବଂ ୩ କୋଟି ମହିଳା ବାଳ ଝଡ଼ିବା ସମସ୍ୟାରେ ପୀଡ଼ିତ। ସେଠାରେ ୧୯୯୦ ଦଶକ ପରଠାରୁ ଏହି ସମସ୍ୟା ପାଇଁ କୌଣସି ନୂଆ ଔଷଧ ଅନୁମୋଦିତ ହୋଇନାହିଁ। ଥଥାପି ନୂଆ ଔଷଧ ର ଆଶାରେ ଗୋଟିଏ ଫାର୍ମା କମ୍ପାନୀର ଶେୟାର ଏହି ବର୍ଷ ପ୍ରାୟ ୫୦୦ ପ୍ରତିଶତ ବୃଦ୍ଧି ପାଇଛି। ଆଗାମୀ ବର୍ଷ କିଛି ନୂଆ ଔଷଧ ଆସିବାର ସମ୍ଭାବନା ରହିଛି, ଯାହା ବାଳ ଝଡ଼ିବାକୁ ରୋକିପାରେ। ଭାରତରେ ମଧ୍ୟ ଏହି ବଜାର ଦ୍ରୁତ ଗତିରେ ବଢ଼ୁଛି। ରେଡସିର ରିସର୍ଚ୍ଚ ଅନୁସାରେ ସହରାଞ୍ଚଳରେ ବସବାସ କରୁଥିବା ପ୍ରାୟ ୮ କୋଟି ଭାରତୀୟ ବାଳ ଝଡ଼ିବାକୁ ନେଇ ଚିନ୍ତିତ। ଏଥିମଧ୍ୟରୁ ପ୍ରାୟ ୭ କୋଟି ଲୋକ ଘରୋଇ ଉପାୟ ବ୍ୟବହାର କରନ୍ତି ଏବଂ ପ୍ରାୟ ୫୦ ଲକ୍ଷ ଲୋକ ବଜାରରୁ ଔଷଧ କିମ୍ବା ସପ୍ଲିମେଣ୍ଟ କିଣନ୍ତି। ଗତ ବର୍ଷ ଭାରତରେ ବାଳ ଝଡ଼ିବା ଚିକିତ୍ସା ଏବଂ ସପ୍ଲିମେଣ୍ଟର ବଜାର ୪ ହଜାର କୋଟି ଟଙ୍କାରୁ ଅଧିକ ଥିଲା। ବାଳ ଝଡ଼ିବା ଏକ ପ୍ରାକୃତିକ ପ୍ରକ୍ରିୟା ହେଲେ ମଧ୍ୟ ଏଥିରୁ ଜାତ ଅସୁରକ୍ଷିତ ଭାବନା ଏକ ବିରାଟ ବଜାର ସୃଷ୍ଟି କରିଛି।

ତଥାପି ବାଳ ଝଡ଼ିବାର ଆଉ ଏକ ଦିଗ ମଧ୍ୟ ରହିଛି। ସୋସିଆଲ ମିଡିଆରେ ଏକ ଛବି ଭାଇରାଲ ହୋଇଛି, ଯେଉଁଥିରେ ଆମାଜନର ମାଲିକ ଜେଫ୍ ବେଜୋସ, ମାଇକ୍ରୋସଫ୍ଟର ସିଇଓ ସତ୍ୟ ନାଡେଲା ଏବଂ ଅନ୍ୟ ଅନେକ ସଫଳ ବ୍ୟବସାୟୀଙ୍କ ଫଟୋ ରହିଛି। ଏହା ଟାଇମ୍ ମ୍ୟାଗାଜିନର କଭର୍ ଭଳି ଦେଖାଯାଉଥିଲେ ମଧ୍ୟ ଏହା କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ତିଆରି। ମାତ୍ର ଏଥିରେ ଏକ ସ୍ପଷ୍ଟ ବାର୍ତ୍ତା ଅଛି। ଏହି ସମସ୍ତ ବ୍ୟକ୍ତି ବିଶ୍ୱର ସବୁଠାରୁ ସଫଳ ଏବଂ ଧନୀ ଲୋକଙ୍କ ମଧ୍ୟରେ ଅଛନ୍ତି ଏବଂ ସେମାନଙ୍କ ମଧ୍ୟରେ ଗୋଟିଏ କଥା ସାଧାରଣ ଯେ ସେମାନେ ସମସ୍ତେ ଚନ୍ଦା କିମ୍ବା ବାଳହୀନ। ଲୋକେ ସେମାନଙ୍କ ସଫଳତା, ପ୍ରଭାବ ଏବଂ ଧନକୁ ଦେଖନ୍ତି, ବାଳକୁ ନୁହେଁ। ଛବିରେ ଲେଖା ଅଛି "The Future is Bald", ଅର୍ଥାତ୍ ଭବିଷ୍ୟତ ଚନ୍ଦା କିମ୍ବା ବାଳହୀନ ଲୋକଙ୍କର।

ସମାଜରେ ଘନ ବାଳକୁ ସୌନ୍ଦର୍ଯ୍ୟ ଏବଂ ବ୍ୟକ୍ତିତ୍ୱର ଏକ ଆବଶ୍ୟକ ଅଙ୍ଗ ଭାବରେ ଦେଖାଯାଏ। ତେଣୁ ସାଧାରଣ ଲୋକ ବାଳ ଝଡ଼ିବା ସହିତ ନିଜର ବ୍ୟକ୍ତିତ୍ୱ ନଷ୍ଟ ହେବା, ବୟସ ବଢ଼ିବା କିମ୍ବା ଆତ୍ମବିଶ୍ୱାସ କମିଯିବା ବୋଲି ଭାବନ୍ତି। ମାତ୍ର ଯଦି ଜଣେ ବାଳହୀନ କିମ୍ବା ଚନ୍ଦା ବ୍ୟକ୍ତି ବିଶ୍ୱର ବଡ଼ କମ୍ପାନୀ ଚଳାଇପାରନ୍ତି, ଲକ୍ଷ ଲକ୍ଷ ଲୋକଙ୍କୁ ନେତୃତ୍ୱ ଦେଇପାରନ୍ତି ଏବଂ ସମାଜରେ ନିଜର ଚିହ୍ନ ଛାଡ଼ିପାରନ୍ତି, ତେବେ ବାଳ ନଥାଇବା କୌଣସି ଦୁର୍ବଳତା ନୁହେଁ। ପ୍ରକୃତ ଶକ୍ତି ସିରରେ କେତେ ବାଳ ଅଛି ତାହା ଉପରେ ନିର୍ଭର କରେ ନାହିଁ; ଏହା ନିର୍ଭର କରେ ଆପଣ ନିଜ ଉପରେ କେତେ ଆତ୍ମବିଶ୍ୱାସୀ।

ଲୋକମାନେ ଆପଣଙ୍କୁ ବାଳ ଦେଖି ବିଚାର କରନ୍ତି ନାହିଁ, ବରଂ ସେମାନେ ଆପଣଙ୍କ କାମ ଏବଂ ସଫଳତାକୁ ଦେଖିଥାନ୍ତି। ତେଣୁ ବାଳ ଝଡ଼ିବାକୁ ନେଇ ଚିନ୍ତିତ ହେବା ପରିବର୍ତ୍ତେ ନିଜର ଆତ୍ମବିଶ୍ୱାସ ଉପରେ ଧ୍ୟାନ ଦିଅନ୍ତୁ। କଠିନ ପରିଶ୍ରମ କରନ୍ତୁ ଏବଂ ନିଜ ସଫଳତା ଉପରେ ଧ୍ୟାନ ଦିଅନ୍ତୁ। ମୁଣ୍ଡରେ ବାଳ ନଥିଲେ ମଧ୍ୟ ଏହା ଆପଣଙ୍କର ଏକ ନିଜସ୍ୱ ଷ୍ଟାଇଲ୍ ଷ୍ଟେଟ୍‌ମେଣ୍ଟ ହୋଇପାରେ।

# ସମ୍ପୂର୍ଣ୍ଣ ଅଣ୍ଡାର ପୋଷକ ତତ୍ତ୍ୱ ଏବଂ ସ୍ୱାସ୍ଥ୍ୟକର ଗୁଣ



ଆଜିକାଲିର ସ୍ୱାସ୍ଥ୍ୟ ସଚେତନତା ଯୁଗରେ ଆହାରକୁ ନେଇ ଅନେକ ଦ୍ୱନ୍ଦ୍ୱ ଦେଖିବାକୁ ମିଳେ। ବିଶେଷ କରି ଅଣ୍ଡା ଖାଇବା ସମୟରେ ଅନେକ ଲୋକ ଏହାର ହଳଦିଆ ଅଂଶ ବା କେଶରକୁ ଫୋପାଡ଼ି ଦେଇ କେବଳ ଧଳା ଅଂଶ ଗ୍ରହଣ କରିଥାନ୍ତି। ଲୋକଙ୍କ ମନରେ ଧାରଣା ରହିଛି ଯେ ହଳଦିଆ ଅଂଶ ଖାଇଲେ ଶରୀରରେ କୋଲେଷ୍ଟ୍ରୋଲ୍ ଏବଂ ଚର୍ବି ବୃଦ୍ଧି ପାଇଥାଏ। ତେବେ ଡାକ୍ତରୀ ବିଜ୍ଞାନ ଓ ପୋଷଣ ପ୍ରକ୍ରିୟା ଅନୁସାରେ, ଏହା ଏକ ସମ୍ପୂର୍ଣ୍ଣ ଭ୍ରାନ୍ତ ଧାରଣା ଏବଂ ଅଣ୍ଡାର ହଳଦିଆ ଅଂଶକୁ ବାଦ୍ ଦେବା ଦ୍ୱାରା ଆମେ ଅନେକ ଆବଶ୍ୟକୀୟ ପୋଷକ ତତ୍ତ୍ୱରୁ ବଞ୍ଚିତ ହୋଇଥାଉ। ଅଣ୍ଡା ହେଉଛି ପ୍ରକୃତିର ଏକ ପରିପୂର୍ଣ୍ଣ ଏବଂ ଶ୍ରେଷ୍ଠ ଆହାର। ଏହାର ଧଳା ଅଂଶରେ ପ୍ରାୟ ୯୦ ପ୍ରତିଶତ ପାଣି ଏବଂ ୧୦ ପ୍ରତିଶତ ପ୍ରୋଟିନ୍ ରହିଥାଏ। ଯେଉଁମାନେ କମ୍ କ୍ୟାଲୋରୀ ସହ କେବଳ ପ୍ରୋଟିନ୍ ଗ୍ରହଣ କରିବାକୁ ଚାହାନ୍ତି, ସେମାନଙ୍କ ପାଇଁ ଏହି ଧଳା ଅଂଶ ଉପଯୋଗୀ ହୋଇଥାଏ। ମାତ୍ର ଅଣ୍ଡାର ମୁଖ୍ୟ ଶକ୍ତି ଏବଂ ଭିଟାମିନ୍‌ର ଭଣ୍ଡାର ଏହାର ହଳଦିଆ ଅଂଶରେ ହିଁ ସଞ୍ଚିତ ଥାଏ। କେଶରରେ ପ୍ରଚୁର ପରିମାଣରେ ସ୍ୱାସ୍ଥ୍ୟକର ଫ୍ୟାଟ୍, ଭିଟାମିନ୍ ଏ, ଡି, ଇ, କେ ଏବଂ ଆବଶ୍ୟକୀୟ ମିନେରାଲ୍ସ ରହିଥାଏ। ଡାକ୍ତରୀ ଗବେଷଣା ଅନୁସାରେ, ଗୋଟିଏ ସମ୍ପୂର୍ଣ୍ଣ ଅଣ୍ଡାରେ ପ୍ରାୟ ୧୪ ପ୍ରକାରର ଆବଶ୍ୟକୀୟ (ଏସେନ୍ସିଆଲ୍) ଭିଟାମିନ୍ ଓ ମିନେରାଲ୍ସ ଉପଲବ୍ଧ ଥାଏ। ଏହିସବୁ ତତ୍ତ୍ୱ



ଆମ ଶରୀର ନିଜେ ତିଆରି କରିପାରି ନ ଥାଏ, ତେଣୁ ଏଗୁଡ଼ିକୁ ବାହ୍ୟ ଆହାର ମାଧ୍ୟମରେ ଗ୍ରହଣ କରିବା ନିହାତି ଆବଶ୍ୟକ।

ସାଧାରଣତଃ କୋଲେଷ୍ଟ୍ରୋଲ୍ ବଢ଼ିବା ଭୟରେ ଲୋକମାନେ କେଶର ଖାଇବାରୁ ଦୂରେଇ ରହନ୍ତି। ମାତ୍ର ଚିକିତ୍ସା ବିଜ୍ଞାନ ଅନୁସାରେ, ଅଣ୍ଡାର କେଶରରେ ଥିବା କୋଲେଷ୍ଟ୍ରୋଲ୍ ଶରୀରରେ କ୍ଷତିକାରକ କୋଲେଷ୍ଟ୍ରୋଲ୍ (ଏଲ୍.ଡି.ଏଲ୍) ବଢ଼ାଇ ନ ଥାଏ। ବରଂ ଏହା ଉପକାରୀ କୋଲେଷ୍ଟ୍ରୋଲ୍ (ଏଚ୍.ଡି.ଏଲ୍) ସ୍ତରକୁ ବୃଦ୍ଧି କରିବାରେ ଏବଂ ଖରାପ କୋଲେଷ୍ଟ୍ରୋଲ୍‌କୁ ସନ୍ତୁଳିତ କରିବାରେ ସାହାଯ୍ୟ କରେ। ଏହା ହୃଦ୍‌ରୋଗର ଆଶଙ୍କା କମାଇବା ସହ ଶରୀରକୁ ପ୍ରାକୃତିକ ଶକ୍ତି ଯୋଗାଇଥାଏ।

ସାଧାରଣ ଏବଂ ସୁସ୍ଥ ବ୍ୟକ୍ତି ଦୈନନ୍ଦିନ ଖାଦ୍ୟପେୟରେ ନିର୍ଭୟରେ ଗୋଟିଏରୁ ଦୁଇଟି ସମ୍ପୂର୍ଣ୍ଣ ଅଣ୍ଡା ଗ୍ରହଣ କରିପାରିବେ। ଏହାଦ୍ୱାରା ଶରୀରକୁ ସଠିକ୍ ପରିମାଣର ପ୍ରୋଟିନ୍, ଫ୍ୟାଟ୍, ଭିଟାମିନ୍ ଏବଂ ମିନେରାଲ୍ସ ଏକାସାଙ୍ଗରେ ମିଳିଥାଏ। ତେବେ ଯେଉଁ ବ୍ୟକ୍ତିମାନଙ୍କର ପୂର୍ବରୁ ଅତ୍ୟଧିକ କୋଲେଷ୍ଟ୍ରୋଲ୍, ଜଟିଳ ହୃଦ୍‌ରୋଗ କିମ୍ବା ଡାକ୍ତରୀ ନିଷେଧାଦେଶ ରହିଛି, ସେମାନେ ନିଜର ଚିକିତ୍ସକଙ୍କ ସହ ପରାମର୍ଶ କରି ଅଣ୍ଡାର ସଠିକ୍ ପରିମାଣ ନିର୍ଦ୍ଧାରଣ କରିବା ଉଚିତ।

## ଦେଶର ପଞ୍ଚମ ସର୍ବାଧିକ ମହଙ୍ଗା ରାଜ୍ୟରେ ପରିଣତ ହୋଇଛି ଓଡ଼ିଶା

# ବନ୍ୟା ପରିସ୍ଥିତି:ବଜାରରେ ଚିନି-ପିଆଜର ଦରବୃଦ୍ଧି





ନୂଆଦିଲ୍ଲୀ/ଭୁବନେଶ୍ୱର: ଓଡ଼ିଶା ଦେଶର ଅନ୍ୟତମ ମହଙ୍ଗା ବଜାର ଭାବରେ ଉଭା ହୋଇଛି। କ୍ରମାଗତ ଭାବେ ବୃଦ୍ଧି ପାଉଥିବା ମୂଲ୍ୟ ଯୋଗୁ, ଅଗଷ୍ଟ ମାସରେ ରାଜ୍ୟର ଖୁଚୁରା ମୁଦ୍ରାସ୍ଫୀତି ୫.୫ ପ୍ରତିଶତକୁ ବୃଦ୍ଧି ପାଇଛି, ଯାହା ଜାତୀୟ ହାର (୪.୨୮%) ଠାରୁ ୧.୨୪ ପ୍ରତିଶତ ପଏଣ୍ଟ ଅଧିକ ଅଟେ। ତେଲଙ୍ଗାନା (୬.୨୭%), ତାମିଲନାଡୁ (୫.୯୨%), ମଧ୍ୟପ୍ରଦେଶ (୫.୫୫%) ଏବଂ ଆନ୍ଧ୍ରପ୍ରଦେଶ (୫.୫୩%) ପଛକୁ ଓଡ଼ିଶା ବର୍ତ୍ତମାନ ଦେଶର ପଞ୍ଚମ ସର୍ବାଧିକ ମହଙ୍ଗା ବଜାର ଭାବରେ ସ୍ଥାନ ପାଇଛି।
ଏହାର ଅର୍ଥ ହେଉଛି ଯେ ଓଡ଼ିଶାର ଗ୍ରାହକମାନେ ଜାତୀୟ ହାର ତୁଳନାରେ ବିଭିନ୍ନ ସାମଗ୍ରୀ ପାଇଁ ଅଧିକ ମୂଲ୍ୟ ଦେଉଛନ୍ତି।

ରାଜ୍ୟର ଖୁଚୁରା ମୁଦ୍ରାସ୍ଫୀତି ଜୁଲାଇ ମାସର ୪.୮୩ ପ୍ରତିଶତରୁ ବୃଦ୍ଧି ପାଇ ଅଗଷ୍ଟରେ ୫.୫ ପ୍ରତିଶତରେ ପହଞ୍ଚିଛି, ଯାହା ଗୋଟିଏ ମାସ ମଧ୍ୟରେ ୦.୬୯ ପ୍ରତିଶତ ପଏଣ୍ଟର ବୃଦ୍ଧିକୁ ସୂଚାଉଛି। ଜାନୁଆରୀରୁ ରାଜ୍ୟରେ ମୁଦ୍ରାସ୍ଫୀତିରେ ୨.୫୭ ପ୍ରତିଶତ ପଏଣ୍ଟ ବୃଦ୍ଧି ଘଟିଛି, ଯାହା ଦେଶରେ ସର୍ବାଧିକ ବୃଦ୍ଧି ଅଟେ। ଜାନୁଆରୀରେ ଓଡ଼ିଶାର ଖୁଚୁରା ମୁଦ୍ରାସ୍ଫୀତି ହାର ୨.୯୫ ପ୍ରତିଶତ ଥିଲା। କେନ୍ଦ୍ର ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଅଗଷ୍ଟ ମାସରେ ରାଜ୍ୟର ଗ୍ରାମାଞ୍ଚଳରେ ମୁଦ୍ରାସ୍ଫୀତି ୫.୯୦ ପ୍ରତିଶତ ଏବଂ ସହରାଞ୍ଚଳରେ ୪.୪୭ ପ୍ରତିଶତ ରହିଥିଲା। ଜୁଲାଇରେ ଏହି ହାର ଯଥାକ୍ରମେ ୫.୧୨ ପ୍ରତିଶତ ଏବଂ ୪.୦୨ ପ୍ରତିଶତ ଥିଲା। ପ୍ରମୁଖ ରାଜ୍ୟଗୁଡ଼ିକ ମଧ୍ୟରେ, ଗ୍ରାମୀଣ ମୁଦ୍ରାସ୍ଫୀତି କ୍ଷେତ୍ରରେ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି; ଏହା ଆଗରେ କେବଳ ତେଲଙ୍ଗାନା (୬.୭୯%) ଏବଂ ତାମିଲନାଡୁ (୬.୧୦%) ରହିଛନ୍ତି। ଏହା ସ୍ପଷ୍ଟ ଭାବରେ ସୂଚାଉଛି ଯେ ଗ୍ରାମୀଣ ଗ୍ରାହକମାନେ ମୁଦ୍ରାସ୍ଫୀତି ଜନିତ ଚାପର ମୁଖ୍ୟ ଶିକାର ହେଉଛନ୍ତି।

କେନ୍ଦ୍ର ସରକାର ଭାରତୀୟ ରିଜର୍ଭ ବ୍ୟାଙ୍କକୁ ମୁଦ୍ରାସ୍ଫୀତିକୁ ୪ ପ୍ରତିଶତ ସୀମା ମଧ୍ୟରେ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି; ତଥାପି, ଚିନି, ପନିପରିବା ଏବଂ ପିଆଜର ମୂଲ୍ୟ ବୃଦ୍ଧି ମୁଦ୍ରାସ୍ଫୀତିକୁ ଗତ ଅଗଷ୍ଟ ମାସରୁ ଆରମ୍ଭ ହୋଇଥିବା ଏହି ଊର୍ଦ୍ଧ୍ୱମୁଖୀ ଧାରା ସେପ୍ଟେମ୍ବରରେ ମଧ୍ୟ ଜାରି ରହିଛି, ଯାହା ଫଳରେ ଚଳିତ ମାସରେ ରାଜ୍ୟରେ ଖୁଚୁରା ମୁଦ୍ରାସ୍ଫୀତି ଆହୁରି ବୃଦ୍ଧି ପାଇପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଅଗଷ୍ଟ ମାସରେ ରୁପା ଅଳଙ୍କାର, ଅଦା, ପିଆଜ, ରସୁଣ, ସୁନା, ହୀରା ଏବଂ ପ୍ଲାଟିନମ ଅଳଙ୍କାରର ମୂଲ୍ୟରେ ସର୍ବାଧିକ ବୃଦ୍ଧି ରେକର୍ଡ କରାଯାଇଥିଲା। ଅନ୍ୟପକ୍ଷରେ, ଟମାଟୋ, ଆଳୁ, କାର୍ ଓ ଜିପ, ଭେଣ୍ଡି ଏବଂ କୁକୁଡ଼ାର ମୂଲ୍ୟରେ ସର୍ବାଧିକ ହ୍ରାସ ପରିଲକ୍ଷିତ ହୋଇଥିଲା। ଅଜିମ ପ୍ରେମଜୀ ବିଶ୍ୱବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ପ୍ରଭାସ ମିଶ୍ରଙ୍କ ମତରେ, ରାଜ୍ୟରେ ମୁଦ୍ରାସ୍ଫୀତି ବୃଦ୍ଧି ପଛର ମୁଖ୍ୟ କାରଣ ହେଉଛି କ୍ରମାଗତ ବର୍ଷା ଏବଂ ବନ୍ୟା ପରିସ୍ଥିତି। ସେ ଉଲ୍ଲେଖ କରିଛନ୍ତି ଯେ ସହରାଞ୍ଚଳର ଯୋଗାଣ ବ୍ୟବସ୍ଥା ଉପରେ ବନ୍ୟାର ପ୍ରଭାବ ଅପେକ୍ଷାକୃତ କମ ରହିଥିବାବେଳେ, ଗ୍ରାମାଞ୍ଚଳରେ ଏହାର ପ୍ରଭାବ ଦୀର୍ଘ ସମୟ ଧରି ରହିଥାଏ। ଏହି କାରଣରୁ ଅନ୍ୟ ରାଜ୍ୟଗୁଡ଼ିକ ତୁଳନାରେ ଅଗଷ୍ଟ ମାସରେ ଓଡ଼ିଶାର ଗ୍ରାମୀଣ ମୁଦ୍ରାସ୍ଫୀତି ଯଥେଷ୍ଟ ଅଧିକ ରହିଥିଲା।

## ରାଜ୍ୟରେ 'ଆଖୁ ବିକାଶ ଉପରେ ପ୍ରଯୁକ୍ତିବିଦ୍ୟା ମିଶନ୍' କର୍ମଶାଳା

ଭୁବନେଶ୍ୱର: କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ 'ଅଧିକ ଅମଳ ପାଇଁ ଆଧୁନିକ ପ୍ରଣାଳୀରେ ଆଖୁଚାଷ ' ଶୀର୍ଷକ ଏକ ଦୁଇଦିନିଆ କର୍ମଶାଳା ଉଦ୍‌ଘାଟିତ ହୋଇଯାଇଛି । ଏହି କର୍ମଶାଳାରେ ରାଜ୍ୟରେ ଆଖୁଚାଷକୁ ବଢ଼ାଇବା ନିମନ୍ତେ ପ୍ରୋତ୍ସାହନ ବ୍ୟବସ୍ଥା ଓ ସ୍ୱତନ୍ତ୍ର ନୀତି ନିମନ୍ତେ ଅ ।ଲୋଚନା ହୋଇଥିଲା।

'ଆଖୁ ବିକାଶ ଉପରେ ପ୍ରଯୁକ୍ତିବିଦ୍ୟା ମିଶନ୍' ରାଜ୍ୟ ଯୋଜନା ଅଧୀନରେ କୃଷି ଭବନଠାରେ ଆୟୋଜିତ କର୍ମଶାଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ, କଟକ, ଢେଙ୍କାନାଳ, ଗଞ୍ଜାମ, ଯାଜପୁର ଏବଂ କଳାହାଣ୍ଡି ଭଳି ପ୍ରମୁଖ ଆଖୁ ଚାଷ କରୁଥିବା ଜିଲ୍ଲାଗୁଡ଼ିକରେ ପ୍ରଯୁକ୍ତିବିଦ୍ୟା ପ୍ରସାରକୁ ତ୍ୱରାନ୍ୱିତ କରିବା, କୃଷକ ଉତ୍ପାଦକ ସଂଗଠନ-ଭିତ୍ତିକ ବଜାର ସଂଯୋଗକୁ ସୁଦୃଢ଼ କରିବା ଏବଂ କୃଷି ଉତ୍ପାଦକତାକୁ ବୃଦ୍ଧି କରିବା ଉପରେ ଗୁରୁତ୍ୱ ଦିଆଯାଇଛି ।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ, ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଉଦ୍‌ଘାଟନୀ ଅଧିବେଶନରେ ଯୋଗଦେଇ ଆଖୁର ମୂଲ୍ୟବୃଦ୍ଧି ଓ ଚାଷ ଖର୍ଚ୍ଚ ହ୍ରାସ ଉପରେ ସରକାର ନେଉଥିବା ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । କୃଷି ବିଭାଗ କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଜାଧବ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଡ. ପ୍ରଭାତ କୁମାର ରାଉଳ, କୃଷି ବିଭାଗ ନିର୍ଦ୍ଦେଶକ ଶୁଭମ୍ ସକ୍ସେନା, ମୃତ୍ତିକା ସଂରକ୍ଷଣ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡାଙ୍କ ସମେତ ଅନ୍ୟ ବରିଷ୍ଠ ବିଭାଗୀୟ ଅଧିକାରୀମାନେ ଏହି କର୍ମଶାଳାରେ ଯୋଗ ଦେଇଥିଲେ ।



କର୍ମଶାଳାରେ କୃଷକମାନଙ୍କୁ ସମ୍ବୋଧିତ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଲେ ଯେ ଚାଷୀମାନେ କିପରି କମ ଖର୍ଚ୍ଚରେ ଅଧିକ ଚାଷ କରିପାରିବେ, ତାହାକୁ ଦୃଷ୍ଟିରେ ରଖି ଆମେ ଆଖୁ ବିକାଶ ଉପରେ ପ୍ରଯୁକ୍ତିବିଦ୍ୟା ମିଶନ ମାଧ୍ୟମରେ ଗବେଷଣାଲବ୍ଧ ଜ୍ଞାନକୁ ପ୍ରୟୋଗଶାଳାରୁ ସିଧାସଳଖ ଆମ କ୍ଷେତକୁ ଆଣୁଛୁ । ଆମକୁ ପୁଣି ଥରେ ଆଖୁ ଉତ୍ପାଦନରେ ଓଡ଼ିଶାକୁ ଏକ ଅଗ୍ରଣୀ ରାଜ୍ୟ କରିବାକୁ ପଡିବ ବୋଲି ସେ ଉଲ୍ଲେଖ କରିଛନ୍ତି ।

ସମବାୟ ମନ୍ତ୍ରୀ ଶ୍ରୀ ବଳସାମନ୍ତ କହିଲେ ଯେ ଆଖୁ ଚାଷୀମାନଙ୍କୁ ସିଧାସଳଖ ବଜାର ସଂଯୋଗ ସହ ସର୍ବାଧିକ ଲାଭ ପାଇଁ ସମବାୟ ମଡେଲ ଏବଂ କୃଷକ ଉତ୍ପାଦକ ସଂଗଠନ ସହିତ ସଂଯୋଗ କରିବା ଗୁରୁତ୍ୱପୂର୍ଣ୍ଣ । ଚିନି କଳ, ଗବେଷଣା ପ୍ରତିଷ୍ଠାନ ଏବଂ କୃଷକ ଉତ୍ପାଦକ ସଂଗଠନ ମଧ୍ୟରେ ସୁଦୃଢ଼ ସମନ୍ୱୟ ଦ୍ୱାରା ଆମର ଚାଷୀମାନଙ୍କ ପାଇଁ ସମୟୋଚିତ କ୍ରୟ, ଉତ୍ତମ ଚିନି ଉତ୍ପାଦନ ଏବଂ ସ୍ୱଚ୍ଛ ମୂଲ୍ୟ ସୁନିଶ୍ଚିତ ହୋଇପାରିବ ବୋଲି ସେ ମତ ଦେଇଛନ୍ତି ।

ଏହି ଦୁଇଦିନିଆ କର୍ମଶାଳାରେ ଆଇସିଏଆର୍-ଆଇଆଇଏସ୍ଆର୍, ଆଇସିଏଆର୍-ଏସ୍‌ବିଆଇ, ଆଇସିଏଆର୍-ଆଇଆଇଡବ୍ଲ୍ୟୁଏମ୍, ଓୟୁଏଟି ଏବଂ ଆଇସିଏଆର୍-ସିଆର୍‌ଆର୍‌ଆଇ ପରି ଜାତୀୟ ଗବେଷଣା ସଂସ୍ଥାର ବିଶିଷ୍ଟ ବୈଜ୍ଞାନିକମାନଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଷୟିକ ଅଧିବେଶନ ଗୁଡ଼ିକରେ ଉଚ୍ଚ-ଅମଳକାରୀ କିସମ, ମୃତ୍ତିକା ସ୍ୱାସ୍ଥ୍ୟ, ସମନ୍ୱିତ ପୁଷ୍ଟି, ସଠିକ୍ ଜଳସେଚନ ଏବଂ କୃଷି ଯାନ୍ତ୍ରିକୀକରଣ ବିଷୟରେ ଆଲୋଚନା କରାଯାଇଛି।

## ଧାନକ୍ଷେତରୁ ବିଧାନସଭାକୁ ଚିଠି ଲେଖିଲେ ଚାଷୀ

କାଳିଆପାଣି: ଗାଁ ଗହଳିରେ ବୁଲା ଗାଈଗୋରୁଙ୍କ ସଂଖ୍ୟା ଉଦବେଗଜନକ ଭାବେ ବୃଦ୍ଧି ପାଇବା ପରିପ୍ରେକ୍ଷୀରେ ବିଧାନସଭା ପିଟିସନ କମିଟିକୁ ଚିଠି ଲେଖିଛନ୍ତି ସୁକିନ୍ଦା ବ୍ଲକ କାଙ୍କଡ଼ପାଳ ଗାଁର ଏକାଧିକ ଚାଷୀ। ରାସ୍ତାଘାଟ ଓ ଜନବସତିରେ ବୁଲୁଥିବା ଶତାଧିକ ଗାଈଗୋରୁ ଓ ଷଣ୍ଢ ଦିନରାତି ଧାନ କ୍ଷେତରେ ପଶି ବ୍ୟାପକ ଫସଲ ନଷ୍ଟ କରୁଛନ୍ତି। ଚାଷୀମାନେ ଉଧାର କରଜ କରି, ଝାଳବୁହା ପରିଶ୍ରମରେ କରିଥିବା ଚାଷ ଅବାଧରେ ଉଜୁଡ଼ି ଯାଉଥିବାରୁ ବହୁ ଚାଷୀ ବ୍ୟାପକ କ୍ଷତି ସହି ଲେଣି । ପ୍ରଶାସନ ପକ୍ଷରୁ ତୁରନ୍ତ ପ୍ରତି ପଞ୍ଚାୟତ ସ୍ତରରେ ଅସ୍ଥାୟୀ ଗୋଶାଳା କିମ୍ବା କାଞ୍ଜିଆହୁଦା ନିର୍ମାଣ କରାଯାଇ ବୁଲା ଗୋରୁଙ୍କୁ ସେଠାରେ ରଖାଯିବା ସହିତ ପ୍ରତ୍ୟେକ ଗୋରୁ ମାନଙ୍କର ଆଧାର ଟ୍ୟାପିଂ କରାଯାଇ ସମ୍ପୃକ୍ତ ମାଲିକଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି। କ୍ଷତିଗ୍ରସ୍ତ ଗରିବ ଚାଷୀ ଚିହ୍ନଟ କରି ଯଥାଶୀଘ୍ର ସରକାରୀ ସହାୟତା/କ୍ଷତିପୂରଣ ପ୍ରଦାନ ଏବଂ ଜମିର ସୁରକ୍ଷା ପାଇଁ ଚାଷୀମାନଙ୍କୁ ସ୍ୱଳ୍ପ ମୂଲ୍ୟରେ ସୌରଶକ୍ତି ଚାଳିତ ବାଡ ଯୋଗାଇଦେବା ବ୍ୟବସ୍ଥା ପାଇଁ ସାଧାରଣରେ ଦାବି କରାଯାଇଛି। ବିଧାନସଭା ପିଟିସନ କମିଟି ଏହି ଜନସ୍ୱାର୍ଥ ମାମଲାକୁ ଗୁରୁତ୍ୱର ସହ ଗ୍ରହଣକରି ତୁରନ୍ତ ପଦକ୍ଷେପନେବାକୁ ହୃଦାନନ୍ଦ ପରିଡା, ନରେଶ ଚନ୍ଦ୍ର ପ୍ରଧାନ, ପ୍ରତାପ ଚନ୍ଦ୍ର ପରିଡା ପ୍ରମୁଖ ଏହି ଚିଠି ଲେଖିଛନ୍ତି।







# ସମ୍ବଲପୁରୀ ଲୁଗା ଓ ଡ୍ରେସ୍‌ର ଚାହିଦା ଅଧିକ

ବରଗଡ଼ : ନୂଆଁଖାଇ ପର୍ବ ପାଇଁ ପଶ୍ଚିମ ଓଡ଼ିଶାର ବଜାରରେ ଦେଖାଦେଇଛି ଉତ୍ସବର ରଙ୍ଗ। ନୂଆଁଖାଇରେ ନୂଆ ପୋଷାକ ପିନ୍ଧିବାର ପରମ୍ପରା ଥିବାରୁ ଲୋକଙ୍କ ମଧ୍ୟରେ କିଣାକିଣି ନେଇ ଆଗ୍ରହ ବଢ଼ିଛି। ବିଶେଷକରି ସମ୍ବଲପୁରୀ ଲୁଗା ଓ ଡ୍ରେସ୍ ପ୍ରତି ଚାହିଦା ବଢ଼ିବାରୁ ସ୍ଥାନୀୟ ବଜାର ଚଳଚଞ୍ଚଳ ହୋଇପଡ଼ିଛି। ଏହି କ୍ରମରେ ସୁବର୍ଣ୍ଣପୁର ଜିଲାର ବୀରମହାରାଜପୁର ଅଞ୍ଚଳରେ ମଧ୍ୟ ସମ୍ବଲପୁରୀ ବସ୍ତ୍ର ବଜାର ବେଶ୍ ଚଳଚଞ୍ଚଳ ହୋଇପଡ଼ିଛି।

ବୀରମହାରାଜପୁର ସମେତ ସୁବଳୟା, ଉଲୁଣ୍ଡା, ଖଣ୍ଡହତା, ଯାଲୋଏ, କଳାପଥର, ଅମରପାଲି, ମହଦା, ବଡ଼ଖମାର ଆଦି ବଜାରରେ ଏବେ ସମ୍ବଲପୁରୀ ବସ୍ତ୍ରର କିଣାବିକା ବେଶ୍ ଜମୁଛି।

ନୂଆଁଖାଇ ପଶ୍ଚିମ ଓଡ଼ିଶାର ଏକ ପ୍ରମୁଖ ଗଣପର୍ବ। ଏହି ଦିନ ନୂଆ ଧାନରୁ ପ୍ରସ୍ତୁତ ନବାନ୍ନ ମା’ ସମଲେଶ୍ୱରୀ ଓ ନିଜ ନିଜ ଇଷ୍ଟଦେବୀଙ୍କୁ ଅର୍ପଣ କରିବା ପରେ ପରିବାରର ସମସ୍ତେ ଏକାଠି ହୋଇ ନୂଆ ପୋଷାକ ପିନ୍ଧି ପର୍ବ ପାଳନ କରିଥାନ୍ତି। ଏହି ପାରମ୍ପରିକ ପର୍ବରେ ସମ୍ବଲପୁରୀ ବସ୍ତ୍ରର ସ୍ୱତନ୍ତ୍ର ସ୍ଥାନ ରହିଛି। ବର୍ତ୍ତମାନ ସ୍ଥାନୀୟ ବଜାରରେ ବିଭିନ୍ନ ରଙ୍ଗ, ଡିଜାଇନ୍ ଓ ନକ୍ସାର ସମ୍ବଲପୁରୀ ବସ୍ତ୍ର ଉପଲବ୍ଧ ହେଉଛି। ମହିଳାଙ୍କ ପାଇଁ ସମ୍ବଲପୁରୀ ଶାଢ଼ି, ଡ୍ରେସ୍ ମ୍ୟାଟେରିଆଲ, କୁର୍ତ୍ତି ଆଦି ରହିଥିବାବେଳେ ପୁରୁଷଙ୍କ ପାଇଁ ସମ୍ବଲପୁରୀ ଡିଜାଇନ୍‌ର ସାର୍ଟ, କୁର୍ତ୍ତା ଓ ବିଭିନ୍ନ ପୋଷାକ ବିକ୍ରି ହେଉଛି। ଯୁବପିଢ଼ିଙ୍କୁ ଆକୃଷ୍ଟ କରିବାକୁ ପାରମ୍ପରିକ ଡିଜାଇନ୍ ସହ ଆଧୁନିକ ଫ୍ୟାଶନ୍‌ର ସମନ୍ୱୟ କରାଯାଇଥିବାରୁ ଏହାର ଚାହିଦା ଆହୁରି ବଢ଼ିଛି। ଇକତ୍ ଓ ବାନ୍ଧକଳାର ଆକର୍ଷଣୀୟ ନକ୍ସା, ଚକ୍ର, ଶଙ୍ଖ, ଫୁଲ ସମେତ ବିଭିନ୍ନ ପାରମ୍ପରିକ ମୋଟିଫ୍ ଥିବା ବସ୍ତ୍ର



ପ୍ରତି ଗ୍ରାହକଙ୍କ ବିଶେଷ ଆଗ୍ରହ ରହିଛି।

ଉଫୁଲା ଗ୍ରାମର ଶିକ୍ଷୟିତ୍ରୀ ଏସ୍.ଏସ୍. ପ୍ରିୟଦର୍ଶିନୀ କହିଛନ୍ତି, ‘‘ନୂଆଁଖାଇ ଆମର ସବୁଠୁ ବଡ଼ ପର୍ବ। ଏହି ଦିନ ସମସ୍ତେ ନୂଆ ଡ୍ରେସ୍ ଓ ଲୁଗା ପିନ୍ଧୁ। ଏବେ ସମ୍ବଲପୁରୀ ବସ୍ତ୍ର ସମସ୍ତଙ୍କ ପ୍ରଥମ ପସନ୍ଦ ପାଲଟିଛି। ଏଥିପାଇଁ ଏବେଠାରୁ ସମ୍ବଲପୁରୀ ଡ୍ରେସ୍ ଓ ଲୁଗା କିଣାକିଣି ଆରମ୍ଭ ହୋଇଛି। ନୂଆଁଖାଇ ଦିନ ସମସ୍ତେ ସମ୍ବଲପୁରୀ ପିନ୍ଧି ଆମ ପାରମ୍ପରିକ ପର୍ବ ପାଳନ କରିବୁ।’’

ବୀରମହାରାଜପୁରର ସମ୍ବଲପୁରୀ କପଡ଼ା ବ୍ୟବସାୟୀ ଶମ୍ଭୁ ଭୂଷଣ ମେହେର କହିଛନ୍ତି, ‘‘ଚଳିତ ବର୍ଷ ନୂଆଁଖାଇ ପାଇଁ ହାତବୁଣା ସମ୍ବଲପୁରୀ ବସ୍ତ୍ରର ଚାହିଦା ବେଶ୍ ରହିଛି। ଆମ ପାଖରେ ସମ୍ବଲପୁରୀ ଶାଢ଼ି ୮୦୦ ଟଙ୍କାରୁ ଆରମ୍ଭ କରି ୨୫ ହଜାର ଟଙ୍କା ପର୍ଯ୍ୟନ୍ତ, ସମ୍ବଲପୁରୀ ସୁଟ୍ ୮୦୦ରୁ ୯ ହଜାର ଟଙ୍କା ଏବଂ ସମ୍ବଲପୁରୀ ଥାନ କପଡ଼ା ୨୦୦ରୁ ୨ ହଜାର ଟଙ୍କା ପର୍ଯ୍ୟନ୍ତ ରହିଛି। ଚାହିଦା ବଢୁଥିବାରୁ ସ୍ଥାନୀୟ ବୁଣାକାର ଓ ବ୍ୟବସାୟୀଙ୍କ ବେପାର ମଧ୍ୟ ଭଲ ହେଉଛି।’’

ନୂଆଁଖାଇ ଅବସରରେ ନିଜ ସଂସ୍କୃତି ଓ ପରମ୍ପରାର ପରିଚୟକୁ ପୋଷାକ ମାଧ୍ୟମରେ ପ୍ରକାଶ କରିବାକୁ ଯୁବପିଢ଼ି ମଧ୍ୟ ଆଗ୍ରହ ଦେଖାଉଛନ୍ତି। କେନ୍ଦୁପାଲି ଗ୍ରାମର ଜସ୍ମିନ ମେହେର କହିଛନ୍ତି, ‘‘ନୂଆଁଖାଇରେ ସମ୍ବଲପୁରୀ ବସ୍ତ୍ର ପରିଧାନ କରିବା ପାଇଁ ଏବେ ଯୁବପିଢ଼ି ବେଶ୍ ଆଗ୍ରହୀ। ନୂଆଁଖାଇ ଦିନ ସମ୍ବଲପୁରୀ ବସ୍ତ୍ର ପିନ୍ଧି ଫଟୋ ଉଠାଇ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବୁ। ଏହା ଦ୍ୱାରା ସମ୍ବଲପୁରୀ ବସ୍ତ୍ରର ଲୋକପ୍ରିୟତା ବଢ଼ିବା ସହ ବିଶ୍ୱସ୍ତରରେ ଏହାର ପ୍ରଚାର ପ୍ରସାର ମଧ୍ୟ ହେଉଛି।’’ ଅମରପାଲି ଗ୍ରାମର ପ୍ରାଣବନ୍ଧୁ ସାହୁ କହିଛନ୍ତି, ‘‘ଏବେ ନୂଆଁଖାଇ ସହ ସମ୍ବଲପୁରୀ ପୋଷାକର ସମ୍ପର୍କ ଯୋଡ଼ି ହୋଇପଡ଼ିଛି। ସମ୍ବଲପୁରୀ ବସ୍ତ୍ର ଆମର ପରିଚୟ। ନୂଆଁଖାଇରେ ସମ୍ବଲପୁରୀ ଲୁଗା ପରିଧାନ ନ ହେଲେ ଯେପରି ପର୍ବ ଅଧୁରା ଲାଗେ। ଛୁଆଠାରୁ ବୁଢ଼ା ପର୍ଯ୍ୟନ୍ତ ସମସ୍ତେ ଏହି ଦିନ ସମ୍ବଲପୁରୀ ବସ୍ତ୍ର ପିନ୍ଧିବାକୁ ପସନ୍ଦ କରୁଛନ୍ତି। ଏହା ଦ୍ୱାରା ବୁଣାକାରମାନେ ଲାଭବାନ ହେବା ସହ ଆମର ପରିଚୟ ସମ୍ବଲପୁରୀ ବସ୍ତ୍ରର ମଧ୍ୟ ସୁଦୂର ପ୍ରଚାର ହେବ।’’

ସମ୍ବଲପୁରୀ ବସ୍ତ୍ରର ଚାହିଦା ବୃଦ୍ଧି ପାଇବାରୁ ସ୍ଥାନୀୟ ବୁଣାକାର ଓ ବସ୍ତ୍ର ବ୍ୟବସାୟୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ନୂଆଁଖାଇକୁ ନେଇ ବିକ୍ରି ଆହୁରି ବଢ଼ିବ ବୋଲି ବ୍ୟବସାୟୀମାନେ ଆଶାବାଦୀ। ଅନ୍ୟପକ୍ଷରେ ସ୍ଥାନୀୟ ବୁଣାକାରଙ୍କ ହାତବୁଣା ବସ୍ତ୍ର କିଣିବା ଦ୍ୱାରା ପଶ୍ଚିମ ଓଡ଼ିଶାର ପାରମ୍ପରିକ ବୟନଶିଳ୍ପକୁ ଅଧିକ ପ୍ରୋତ୍ସାହନ ମିଳିବ ବୋଲି ମତ ପ୍ରକାଶ ପାଇଛି।

# କପା ଫସଲ ଉଜାଡ଼ିଲେ ହାତୀପଲ, ଚିନ୍ତାରେ ଚାଷୀ

କଲ୍ୟାଣସିଂହପୁର: ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକରେ ପୁଣି ଦେଖାଦେଇଛି ହାତୀ ଉପଦ୍ରବ। ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ସିଙ୍ଗାରି ପଞ୍ଚାୟତ ଅନ୍ତର୍ଗତ କରଞ୍ଜା ଗାଁରେ ଏକ ହାତୀପଲ ପଶି ବ୍ୟାପକ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ହାତୀପଲ କରଞ୍ଜା ତିଡ଼ିମାସ୍କା ମଧ୍ୟ ଭାଗରେ ଥିବା ତ୍ରିନାଥ ହିକକା, ଯୋଗବନ୍ଧୁ ହିକକା ଓ ଅଭିମନ୍ୟୁ ପ୍ରେପାକାଙ୍କ ଚାଷ ହୋଇଥିବା କପା ସହ ବିଭିନ୍ନ ଗଛଲତା ଭାଙ୍ଗି ନଷ୍ଟ କରିଥିବାରୁ ଚାଷୀଙ୍କ ମଧ୍ୟରେ ଚିନ୍ତା ବଢାଇଦେଇଛି। ସୂଚନା ଅନୁଯାୟୀ ଜଙ୍ଗଲରୁ ବାହାରି ଆସୁଥିବା ହାତୀପଲ ରାତିରେ କରଞ୍ଜା ଗାଁ ନିକଟସ୍ଥ ଚାଷଜମିରେ ପଶି ବହୁ ସମୟ ଧରି ତାଣ୍ଡବ ରଚିଥିଲେ ଫଳରେ ଚାଷୀମାନେ ବଡ଼ ଆର୍ଥିକ କ୍ଷତି ସହିଛନ୍ତି। ସ୍ୱଳ୍ପ ବର୍ଷା ସ୍ୱତେ ବହୁ କଷ୍ଟରେ ଚାଷ କାମ ଆରମ୍ଭ କରିଥିବା ବେଳେ ହିଁ ହାତୀ ଉପଦ୍ରବ ଯୋଗୁଁ ସେମାନଙ୍କର ପରିଶ୍ରମ ନଷ୍ଟ ହୋଇଯାଇଥିବା କହିଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ହେଉଛି ପ୍ରତିବର୍ଷ ଚାଷ ସମୟରେ ହାତୀ ଉପଦ୍ରବ ଦେଖାଦେଉଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ସ୍ଥାୟୀ ପ୍ରତିକାର ପାଇଁ ଦୃଢ଼ ପଦକ୍ଷେପ ନିଆଯାଉନାହିଁ ଫଳରେ ଚାଷୀମାନେ ରାତିସାରା ଉଜାଗର ରହି ଫସଲ ଜଗିବାକୁ ବାଧ୍ୟ ହେଉଥିଲେ ସୁଦ୍ଧା ହାତୀପଲର ଆକ୍ରମଣ ରୋକିପାରୁ ନାହାନ୍ତି। ଏହି ଘଟଣା ପରେ କ୍ଷତିଗ୍ରସ୍ତ ଚାଷୀମାନେ ତୁରନ୍ତ କ୍ଷତିର ଆକଳନ କରି ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରିବା ସହ ହାତୀ ଉପଦ୍ରବ ରୋକିବା ପାଇଁ ସ୍ଥାୟୀ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ ଫରେଷ୍ଟର ଭଗବାନ ସରକାଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି କ୍ଷତିର ଆକଳନ କରାଯାଇଛି ହିତାଧିକାରୀଙ୍କ ନଥି ପତ୍ର ପ୍ରଦାନ ପରେ ସରକାରୀ ନିୟମ ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ।

# ଓଡ଼ିଶା ବଜାରକୁ ଆସିବ ଓମ୍‌ଫେଡ ଆଇସକ୍ରିମ୍ ଓ ପାଣି: ମନ୍ତ୍ରୀ

ଭୁବନେଶ୍ୱର: ଓଡ଼ିଶାର ଲୋକପ୍ରିୟ ଦୁଗ୍ଧ କମ୍ପାନୀ ଓମ୍‌ଫେଡ୍ ଏଣିକି ଆଇସକ୍ରିମ୍ ଓ ପାଣି ମଧ୍ୟ ବଜାରକୁ ଆଣିବାକୁ ଯୋଜନା କରୁଛି । ଏନେଇ ସୂଚନା ଦେଇଛନ୍ତି ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ। ମନ୍ତ୍ରୀଙ୍କ ସୂଚନା ଅନୁସାରେ, ଓମ୍‌ଫେଡ୍ ବୋର୍ଡର ଅନୁମୋଦନ ପରେ ଆଇସକ୍ରିମ୍ ଓ ପାଣିକୁ ବଜାରରେ ଲଞ୍ଚ୍ କରାଯିବ । ଏହାଦ୍ୱାରା ଓମ୍‌ଫେଡ୍‌ର ଉତ୍ପାଦ ପରିସର ଆହୁରି ବ୍ୟାପକ ହେବା ସହ ଓଡ଼ିଶାର ଉପଭୋକ୍ତାଙ୍କ ପାଇଁ ନୂଆ ବିକଳ୍ପ ଉପଲବ୍ଧ ହେବ। ବର୍ତ୍ତମାନ ଓମ୍‌ଫେଡ୍ ମୁଖ୍ୟତଃ ଦୁଗ୍ଧ ଓ ବିଭିନ୍ନ ଦୁଗ୍ଧଜାତ ସାମଗ୍ରୀ ପାଇଁ ପରିଚିତ। ଆଇସକ୍ରିମ୍ ଓ ପାଣି ବଜାରକୁ ଆସିଲେ ଏହା ଓମ୍‌ଫେଡ୍‌ର ବ୍ୟବସାୟିକ ବିସ୍ତାରରେ ଏକ ନୂଆ ଅଧ୍ୟାୟ ଯୋଡ଼ିବ। ବୋର୍ଡ ଅନୁମୋଦନ ପରେ ଉତ୍ପାଦ ଦୁଇଟି କେବେ ବଜାରକୁ ଆସିବ । ତେବେ କେବେ ଆସିବ ସେନେଇ କୌଣସି ସ୍ପଷ୍ଟ ସୂଚନା ମିଳିପାରି ନାହିଁ । ତେବେ ରାଜ୍ୟରେ ଅପମିଶ୍ରଣ ଖାଦ୍ୟ ବୃଦ୍ଧି ପାଉଥିବା ବେଳେ ମନ୍ତ୍ରୀ କହିଛନ୍ତି, ଓମଫେଡ ତାର ମାନ ବଜାୟୀ ରଖିଛି । ତ୍ରିସ୍ତରୀୟ ଚେକିଂ ପରେ ଓମଫେଡ କ୍ଷୀର ମାର୍କେଟକୁ ଆସିଥାଏ । ଅପମିଶ୍ରଣ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ସମବାୟ ସମ୍ରାଟ ଡ଼ଃ ଯୋଗେଶ ଚନ୍ଦ୍ର ରାଉତଙ୍କ ୧୭ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ



ବାଙ୍କୀ: ବାଙ୍କୀ ଶିଶୁଆ ଗାଁରେ ସମବାୟ ସମ୍ରାଟ ତଥା ପୂର୍ବତନ ସମବାୟ ମନ୍ତ୍ରୀ ଡ଼ଃ ଯୋଗେଶ ଚନ୍ଦ୍ର ରାଉତଙ୍କ ୧୭ତମ ଶ୍ରାଦ୍ଧ ବାର୍ଷିକୀ ଶ୍ରଦ୍ଧା ଓ ସମ୍ମାନର ସହ ପାଳିତ ହୋଇଛି । ଏହି ଅବସରରେ ମାନ୍ୟବର ବାଙ୍କୀ ବିଧାୟକ ଶ୍ରୀ ଦେବୀ ରଞ୍ଜନ ତ୍ରିପାଠୀ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇ ଡ଼ଃ ରାଉତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଳ ଅର୍ପଣ କରିଥିଲେ । ସମବାୟ କ୍ଷେତ୍ରର ବିକାଶ ଓ ସୁଦୃଢ଼ୀକରଣରେ ଡ଼ଃ ଯୋଗେଶ ଚନ୍ଦ୍ର ରାଉତଙ୍କ ଅତୁଳନୀୟ ଅବଦାନ ଆଜି ମଧ୍ୟ ଅବିସ୍ମରଣୀୟ। ବିଶେଷକରି କୃଷକଙ୍କ ସ୍ୱାର୍ଥ ସୁରକ୍ଷା, ଗ୍ରାମୀଣ ଅର୍ଥନୀତିର ବିକାଶ ଓ ସମବାୟ ଆନ୍ଦୋଳନକୁ ଜନମୁଖୀ କରିବାରେ ତାଙ୍କ ଭୂମିକା ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତାଙ୍କ ଭଳି ଦୂରଦର୍ଶୀ ସମବାୟ ନେତାଙ୍କ ଅବଦାନ ଓ ଆଦର୍ଶ ଆଜି ମଧ୍ୟ ସମବାୟ ଆନ୍ଦୋଳନକୁ ପ୍ରେରଣା ଦେଉଛି।

Printed and Published by Monalisa Das, on behalf of Nirbhika Ama Samabaya Sambad Publications, Published from MB - 83, Badagada Brit Colony, Bhubaneswar-751018, Odisha and Email - sambadsamabaya@gmail.com, Ph. No. (0674) 3522400 Mobile- 6372 495 819, Printed at Om printers,Mancheswar Industrial Estate, Bhubaneswar - 751010

Chief Editor: Sirdhartha Roy
ମୁଖ୍ୟ ସମ୍ପାଦକ - ସିଦ୍ଧାର୍ଥ ରାୟ

Editor - Monalisa Das
ସମ୍ପାଦିକା: ମୋନାଲିସା ଦାସ